## ସଂକ୍ଷେପରେ

### ବିଦ୍ୟୁତ ସଂସ୍ପର୍ଶରେ କର୍ମଚାରୀ ମୃତ

**ବାଲିଆପାଳ,୨୫।୮(ଡି.ଏନ.ଏ./ସ୍ୱ.ପ୍ର.):** ବାଲିଆପାଳ ବ୍ଲକ ଇଡ଼କୋ ପରିସର ମଧ୍ୟରେ ଥିବା ବାମୁଲ୍ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ କାମ କରୁଥିବା କର୍ମଚାରୀ ଅଶ୍ୱିନୀ ଗିରି (୨୫)ଙ୍କ ବିଦ୍ୟୁତ୍ ଆଘାତରେ ରବିବାର ମୃତ୍ୟୁ ଘଟିଛି। ସେ ଉକ୍ତ କେନ୍ଦ୍ରରେ ୫ ବର୍ଷ ହେଲା କାମ କରିଆସୁଥିଲେ। ରବିବାର ଅପରାହ୍ନ ସାଢେ ଗୋଟାଏରେ ଅକାମୀ ହୋଇଥିବା ମିଲ୍କ ପମ୍ପକୁ ପରିବର୍ତ୍ତନ କରିବା ସମୟରେ ତାଙ୍କୁ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ଅନ୍ୟ କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୯) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ପରିବାର ଲୋକ ଓ ସାଥି କର୍ମଚାରୀମାନେ ବାମୁଲ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଏବଂ ବଡ଼ଭାଇକୁ କମ୍ପାନୀର କର୍ମଚାରୀ ଭାବେ ନିଯୁକ୍ତି ଦାବି କରିଥିଲେ। ଖବରଲେଖା ହେବା ବେଳକୁ ଏକ ପ୍ଲାଟୁନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାମୁଲ ଫ୍ୟାକ୍ଟ୍ରିକୁ ଜଗି ରହିଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି।

### ପାଣିରେ ବୁଡ଼ି ମହିଳା ମୃତ

**ଖଇରା,୨୫।୮(ଡି.ଏନ.ଏ.):** ଖଇରା ଥାନା କୁପାରୀ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମର ମାଳତୀଲତା ପଣ୍ଡା(୫୫) ରବିବାର ସକାଳେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେ ଶୌଚ ହେବାକୁ ଗ୍ରାମ ପୋଖରୀକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗୋବରଘଟାରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍

**ଜଳେଶ୍ୱର, ୨୫।୮:** ଜଳେଶ୍ୱର ବିଜୁ ଯୁବବାହିନୀ ପକ୍ଷରୁ ଗୋବରଘଟା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ଲାଇଟ ଲଗାଯାଇଛି। ଏହି ପଞ୍ଚାୟତର ବହୁ ସ୍ଥାନରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତି ସମୟରେ ଲୋକଙ୍କର ଯିବା ଆସିବାରେ ଅସୁବିଧା ହେଉଥିଲା। ଏହା ଉପଲବ୍ଧି କରି ବିଜୁ ଯୁବବାହିନୀ ତରଫରୁ ମିଳିତ ସହଯୋଗ ଓ ପ୍ରୟାସରେ ଏହି ଆଲୋକ ବ୍ୟବସ୍ଥା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଚନ୍ଦନ କୁମାର କର ଅଧକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ସୂର୍ଯ୍ୟାନନ୍ଦ ପାଳ ଆଲୋକ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ କେଦାରନାଥ ଭୂୟାଁ, ବ୍ଲକ ସଂଯୋଜକ କାଳିଚରଣ ଦାସ, ରାଜୁ କୁମାର ଦଳେଇ, ମ୍ୟୁନିସିପାଲିଟି ସଂଯୋଜକ ଜଗନ୍ନାଥ ଗୋଛାୟତ ଓ ମାନସ ରଞ୍ଜନ ଧଳ ପ୍ରମୁଖ ଯୋଗ ଦେଇଥିଲେ। କୋଷାଧକ୍ଷ ରାଜୁ କୁମାର ଦଳେଇ ଧନ୍ୟବାଦ ଦେଇଥିଲେ। ବିଜୁ ବାହିନୀ ସଭ୍ୟସଭ୍ୟା ଓ ବହୁ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ସ୍ଥାନରେ ୨୦ଟି ଏଲ୍‌ଇଡି ଲାଇଟ୍ ଲଗାଯାଇଥିଲା।

### କୁପାରୀରେ ନନ୍ଦ ଉତ୍ସବ



**ଖଇରା,୨୫।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀଠାରେ ନନ୍ଦ ଉତ୍ସବ ପାଳନ ଅବସରରେ ଦହି ହାଣ୍ଡି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ସାରକୋଣାର ଆଜାଦ ହିନ୍ଦ କ୍ଲବ ଦହିହାଣ୍ଡି ଭାଙ୍ଗିବା ସହ ବିଜୟୀ ହୋଇଥିଲେ। ଖଇରା ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ୨ହଜାର ଟଙ୍କା ପୁରସ୍କାର ଦେଇଥିଲେ। ପ୍ରଫୁଲ୍ଲ ଜେନା, ବସନ୍ତ ଜେନାଙ୍କ ସମେତ ଡ୍ରାଇଭର ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବହେଳିତ ସଂସ୍କୃତ ବିଦ୍ୟାଳୟ
# ଦୁର୍ଦ୍ଦଶାରେ ୧୧୯ ଅନ୍ତେବାସୀ



ଯେଉଁଠି ପାଠପଢ଼ା, ସେଇଠି ରହଣି।

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୫।୮**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡା ପଞ୍ଚାୟତ ପରୁଷୋତ୍ତମପୁର ଗାଁ ଶେଷମୁଣ୍ଡରେ ରହିଛି ଦୂରଦେଇ ସଂସ୍କୃତ ବିଦ୍ୟାଳୟ। ୩୧ବର୍ଷ ତଳେ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ଲାଗି ଗଢି ଉଠିଥିଲା ଏହି ଶିକ୍ଷାନୁଷ୍ଠାନ। ଗାଁ ମୁଣ୍ଡରେ ଥିବା ଏକ ୩ କୋଠରି ବିଶିଷ୍ଟ ଚାଳ ଘରେ ପିଲାଙ୍କୁ ପାଠପଢା ଯାଉଛି। ସେହି କୋଠରିକୁ ମଧ୍ୟ ଛାତ୍ରାବାସ ଭାବେ ବ୍ୟବହାର କରାଯାଉଛି। ବର୍ତ୍ତମାନ ୧୧୯ ଅନ୍ତେବାସୀ ଅଧ୍ୟୟନ କରୁଛନ୍ତି। ଝାଟିମାଟିରେ ତିଆରି ଆଜବେଷ୍ଟସ୍ ଛପର ତଳେ ବିଦ୍ୟାଳୟ ଚାଲିଥିଲେ ମଧ୍ୟ ଏଥିପ୍ରତି ଶିକ୍ଷା ବିଭାଗର ନଜର ନାହିଁ। ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ଶ୍ରେଣୀ ମଧ୍ୟରେ ଏଠାରେ ପାଠ ପଢୁଥିବା ପିଲାମାନେ ସମସ୍ତେ ଜନଜାତି ସମ୍ପ୍ରଦାୟର। ସୁଦୂର ମୟୂରଭଞ୍ଜ ଜିଲାରୁ ଏଠାକୁ ପାଠ ପଢ଼ିବାକୁ ଆସି ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି।

୧୯୮୮ରେ ପ୍ରତିଷ୍ଠା ଲାଭ କରିଥିବା ଦୂରଦେଇ ସଂସ୍କୃତ ବିଦ୍ୟାଳୟ ଆରମ୍ଭରୁ ଅନେକ ସଂଘର୍ଷ ପଥ ଦେଇ ଗତି କରି ଆସିଛି। ପ୍ରଥମେ ଯେଉଁ ସ୍ଥାନରେ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା ସେହି ଜାଗାକୁ ନେଇ ବିବାଦ ଉପୁଜିବାରୁ



ଡଗରପଡା ଦୂରଦେଇ ସଂସ୍କୃତ ବିଦ୍ୟାଳୟର ଝାଟିମାଟି ଘର।

ପରେ ଏହା ନୂଆ ଜାଗାକୁ ଉଠି ଆସିଛି। ସେହି ଜାଗା ଶିକ୍ଷାନୁଷ୍ଠାନ ନାମରେ ମଧ ହୋଇ ସାରିଛି। ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇ ନ ଥିବାରୁ ଶିକ୍ଷାନୁଷ୍ଠାନ ଚାଲିଥିବା ସ୍ଥାନକୁ ଯାତାୟାତର ସୁବିଧା ନାହିଁ। ସାଧାରଣ ଗାଡି କିମ୍ବା ଆମ୍ବୁଲାନ୍ସ ଯିବା ଅସମ୍ଭବ। ବର୍ଷାଦିନେ ହିଡ ଭଳି ପଡିଥିବା ଅଣଓସାରିଆ ରାସ୍ତା ଏକମାତ୍ର ବିକଳ୍ପ। ଦୂରରୁ ଦେଖିଲେ କେହି ଏହାକୁ ଶିକ୍ଷାନୁଷ୍ଠାନ ବୋଲି ଭାବିବେ ନାହିଁ। ଝାଟିମାଟିରେ ତିଆରି ଘର ଅବସ୍ଥା ଭଲ ନାହିଁ ବୋଲି ଅନ୍ତେବାସୀ କହିଛନ୍ତି। ଗୋଟିଏ ଛପର ତଳେ ଥିବା ୩ କୋଠରି ମଧ୍ୟରୁ ୨ଟିରେ ବିଦ୍ୟାଳୟ ଏବଂ ଛାତ୍ରାବାସ ଚାଲିଛି। ଅନ୍ୟ ଏକ କୋଠରିରେ ଖାଦ୍ୟ ରନ୍ଧାଯାଉଛି। ଦିନବେଳା ବେଞ୍ଚ ଡେସ୍କରେ ବସି ପିଲାମାନେ ପାଠ ପଢନ୍ତି। ରାତିରେ ସେହି ବେଞ୍ଚ ଡେସ୍କରେ ବସି ଖାଇବା ପରେ ଶୋଇପଡନ୍ତି। ବର୍ଷାଦିନେ ଘର ତଳି ମାଟି ସନ୍ତସନ୍ତିଆ ହୋଇ ଯାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ଲାଗି ରହୁଛି। ଘରର କେତେକ ସ୍ଥାନରେ ଥିବା ଗାତରୁ ସାପ ବାହାରୁଥିବା ୧୦ମ ଶ୍ରେଣୀ ଛାତ୍ର ବ୍ରଜ ଜାରକା କହିଛନ୍ତି। ସେଠାରେ ଥିବା ପଲିଥିନ ଘେରା ପାଇଖାନା ଦେଖିଲେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କେତେ ସଫଳ ତାହା ଅନୁମାନ କରିହୁଏ।

୧୯୯୨ରେ ସ୍ୱୀକୃତି ଲାଭ କରିଥିବା ଏହି ଶିକ୍ଷାନୁଷ୍ଠାନର ପରିବେଶ ତଥା ଭିତ୍ତିଭୂମିର ବିକାଶ ଲାଗି ଶିକ୍ଷା ପ୍ରଶାସନ କେବେ ଦୃଷ୍ଟି ଦେଇ ନ ଥିବାରୁ ଏହା ଅବହେଳିତ ହୋଇରହିଛି। ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରି ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବା ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମ୍ପ୍ରତି ପଞ୍ଚାୟତ ମାଧ୍ୟମରେ ଚତୁର୍ଦ୍ଦଶ ଅର୍ଥ କମିଶନରୁ ବିଦ୍ୟାଳୟର ପାଚେରି ନିର୍ମାଣ ଲାଗି ୧ଲକ୍ଷ ଟଙ୍କା ଦିଆଯାଇଛି। ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ବୃଦ୍ଧି ହେବା ଦରକାର ବୋଲି ନବମ ଶ୍ରେଣୀର ଛାତ୍ର ଗେଡେ ହେମ୍ରମ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଶଙ୍ଖୁଆଙ୍କୁ ପଚାରିବାରୁ କହିଛନ୍ତି, ଭିତ୍ତିଭୂମିର ବିକାଶ ଲାଗି ଅର୍ଥ ମଞ୍ଜୁରୀ ମିଳିଛି। ବର୍ଷା ଋତୁ ପରେ ଛାତଘର ନିର୍ମାଣ କରାଯାଇ ପିଲାଙ୍କୁ ସ୍ଥାନାନ୍ତର କରାଯିବ।

## ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ସଭା

**ବାଲେଶ୍ୱର ଅଫିସ,୨୫।୮**

ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ସଭାରେ ବର୍ଣ୍ଣବୋଧ ପୋଡ଼ି ଓ ଓଡ଼ିଆ ଭାଷା ପ୍ରତି ଅସମ୍ମାନ ପ୍ରଦର୍ଶନକୁ ବିରୋଧ କରାଯାଇଥିଲା। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ, ମାତୃଭୂମି ଓ ମାତୃଭାଷାକୁ ଅନାଦର କରୁଥିବା ବ୍ୟକ୍ତିକୁ ଅଜ୍ଞାନ ବ୍ୟକ୍ତି ବୋଲି ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କବିତାରେ ଉଲ୍ଲେଖ କରିଯାଇଛନ୍ତି। ଓଡ଼ିଆ ମାତୃଭାଷା ଭିତରକୁ ପ୍ରବେଶ କରିବା ପାଇଁ 'ବର୍ଣ୍ଣବୋଧ'କୁ ଏକ ପାହାଚ ପରି ଓଡ଼ିଆ ଭାଷାଭାଷୀ ମନେ କରିଥାନ୍ତି। ବର୍ଷେ ପୂର୍ବରୁ ବଲାଙ୍ଗୀରରେ ଘଟିଥିବା ବର୍ଣ୍ଣବୋଧ ପୋଡ଼ି ଘଟଣା ସମ୍ପର୍କରେ ଏକ ଅନୁଷ୍ଠାନ ସମ୍ପ୍ରତି ଫେସ୍‌ବୁକ୍‌ରେ ଏହାକୁ ପ୍ରକାଶ କରିବା ଦୁର୍ଭାଗ୍ୟଜନକ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ପରିଷଦର ସମ୍ପାଦକ ଗାଳ୍ପିକ ନିବାରଣ ଜେନା, ବରିଷ୍ଠ ସାହିତ୍ୟିକ ଡ.ପ୍ରହ୍ଲାଦ ଚରଣ ମହାନ୍ତି, ପ୍ରାବନ୍ଧିକ ଡ.ରମାକାନ୍ତ ବେହେରା, ସଂଗଠନ ସମ୍ପାଦକ ତପନ ରାୟ, ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ, ଯୁଗ୍ମ ସମ୍ପାଦକ କଲ୍ୟାଣୀ ନନ୍ଦ, କବି ଶ୍ରୀଦେବ, ସାହିତ୍ୟିକା ଅରୁଣା ରାୟ, କବି ରଞ୍ଜନ ବାଗ, ଶରତ କୁମାର ମହାପାତ୍ର ପ୍ରମୁଖ ଉପରୋକ୍ତ ଅନୁଷ୍ଠାନର ସଭାପତିଙ୍କ ନିକଟକୁ ଏକ ଅଭିଯୋଗ ପତ୍ର ପ୍ରେରଣ କରିବା ଲାଗି ଦାବି କରିଥିଲେ।



ଚିତ୍ରକଳା ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ଚିତ୍ରକଳା ପ୍ରଶିକ୍ଷଣ କର୍ମଶାଳା ସରିଲା

**ବାଲେଶ୍ୱର ଅଫିସ,୨୫।୮**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରଶିକ୍ଷଣ କର୍ମଶାଳା ରବିବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଲିକତା ଆୟକର ବିଭାଗ କମିଶନର ଅମ୍ଳାନ ତ୍ରିପାଠୀ ଯୋଗଦେଇ ଚିତ୍ରଗୁଡ଼ିକୁ ଦେଖିଥିଲେ। ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ କିଶାନ ସୋନି ଓ ଗୌରାଙ୍ଗ ବାରିକଙ୍କର ଚିତ୍ର ଅତି ଉଚ୍ଚକୋଟୀର ହୋଇଛି ବୋଲି ସେ ବକ୍ତବ୍ୟରେ କହିଥିଲେ। ମୋଟ୍ ୫୧ଜଣ ଛାତ୍ରୀଛାତ୍ରଙ୍କର ଚିତ୍ର ଦେଖି ଶିଳ୍ପୀମାନଙ୍କର ପ୍ରଶିକ୍ଷଣ ସଫଳ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟରେ ପ୍ରତିବର୍ଷ ଏଭଳି ଚିତ୍ର କର୍ମଶାଳା ଆୟୋଜନ ହେବା ସହ ବିଭିନ୍ନ ରାଜ୍ୟରୁ ଶିଳ୍ପୀମାନେ ଆସି ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଉଥିବାରୁ ଆମ ଛାତ୍ରୀଛାତ୍ରଙ୍କର ଚିତ୍ର ଅତି ସୁନ୍ଦର ହୋଇଥାଏ। ଚଳିତବର୍ଷ ରୌପ୍ୟଜୟନ୍ତୀ ସମାରୋହରେ ଏହିଭଳି ଚିତ୍ରକଳା ଶିବିର ଆୟୋଜନ କରାଯିବ ବୋଲି ସଭାପତି ହିମାଂଶୁ ଦାସ ଓ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ପ୍ରକାଶ କରିଥିଲେ। ଶିଳ୍ପୀ କିଶାନ ସୋନି ଏହି ମହାବିଦ୍ୟାଳୟର ଏକ ସମ୍ପର୍କକୁ ଗୁରୁକୁଳର ସମ୍ପର୍କ ସହିତ ତୁଳନା କରିଥିଲେ। ଶିଳ୍ପୀ ଗୌରାଙ୍ଗ ବାରିକ ଓଡ଼ିଶାର ସରକାରୀ କଳା ମହାବିଦ୍ୟାଳୟରେ ଏହିଭଳି ଶିବିର କରାଗଲେ ପିଲାମାନେ ଚିତ୍ରର ନୂତନତ୍ୱ ଜାଣିବାରେ ସୁଯୋଗ ପାଇପାରିବେ। ମୁଖ୍ୟଅତିଥିଙ୍କ ଦୁଇଶିଳ୍ପୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଗୌରୀଶଙ୍କର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପକ ସୁଧାଂଶୁ ସେନ, ମନୋରଞ୍ଜନ ଯେନା, ବିଷ୍ଣୁପଦ ସେନାପତି, ଅଧାପିକା ସରିତା ମହାନ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## 'ଆଣ୍ଟିବାୟୋଟିକ୍' ପୁସ୍ତିକାର ଅନାବରଣ ସମାରୋହ

**ବାଲେଶ୍ୱର ଅଫିସ,୨୫।୮**

ବାଲେଶ୍ୱର ଆଇଟିଆଇ ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ରବିବାର ପୂର୍ବାହ୍ନ ୧୧ଟା ସମୟରେ 'ଆଣ୍ଟିବାୟୋଟିକ୍' ଶୀର୍ଷକ ଧାଡ଼ିକିଆ କବିତା ପୁସ୍ତିକାର ଅନାବରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜୀବନ ଯେତେବେଳେ ଭାଇରସ୍ ଭରା ସେତେବେଳେ ଲୋଡ଼ା କେବଳ ଆଣ୍ଟିବାୟୋଟିକ୍। ଏହି ଭାବଭୂମିକୁ ଆଧାର କରି ଯୁବକବି ଉତ୍ପଳ ମହାନ୍ତି ଏହି ପୁସ୍ତକ ରଚନା କରିଛନ୍ତି। ଭଲ କବିତାର ଖୋଜ୍ ସହଯୋଗରେ ଟାଇମ୍‌ପାସ୍ ପକ୍ଷରୁ ପ୍ରକାଶିତ ଏହା ଏକ ଭିନ୍ନ ସ୍ୱାଦର ପୁସ୍ତିକା ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଲୋକାର୍ପଣ ଉତ୍ସବରେ ବିଶିଷ୍ଟ କବି ଓ କଥାକାର ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କବିତା ପୁସ୍ତକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପ୍ରକଟ କରିଥିଲେ। ବିଶିଷ୍ଟ କବି ବିଜୟ ମଲ୍ଲ, କଥାକାର ଓ କବି ଅଜୟ ସ୍ୱାଇଁ, ରେବତୀର ସମ୍ପାଦିକା ସୁବାସିନୀ ଜେନା, ଚନ୍ଦ୍ରଭାଗା ଅନୁଷ୍ଠାନର ମୁଖ୍ୟ ଶ୍ରୀଦେବ, ଟାଇମପାସ୍‌ର ନିର୍ଦ୍ଦେଶକ ସରୋଜ ବଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କବି କୃଷ୍ଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଲୋକାର୍ପଣ ସମାରୋହରେ ଟାଇମପାସ୍ ପକ୍ଷରୁ ବଛାବଛା ଲେଖକଙ୍କ ପ୍ରମୁଖ ପୁସ୍ତିକାକୁ ନେଇ ଏକ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।




ଅତିଥିଙ୍କ ଦ୍ୱାରା 'ଆଣ୍ଟିବାୟୋଟିକ୍' ପୁସ୍ତିକା ଲୋକାର୍ପଣ କରାଯାଉଛି।

## ସଂକୁଳ ସ୍ତରୀୟ ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ

**ଖଇରା, ୨୫।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ସୋର ସଂକୁଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ଅର୍ଥନୀତି ବିଭାଗ ଅଧାପକ ଅକ୍ଷୟ କୁମାର ଖିଲାର ମୁଖ୍ୟଅତିଥି, ସିଆରସିସି ଅର୍ଚ୍ଚନାମଞ୍ଜରୀ ବେହେରା, ଅଧାପକ ମନୀନ୍ଦ୍ର ଦିକ୍ଷିତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଶୋକ ରଞ୍ଜନ ପଲାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋଟ ୬୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସେହିଭଳି ମୋଟ ୨୯୨ଜଣ ପ୍ରତିଯୋଗୀ ପ୍ରକଳ୍ପ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କାର ଜ୍ଞାନ ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମାନସ ରଞ୍ଜନ ଦାସ, ଖଗେଶ୍ୱର ସ୍ୱାଇଁ, ଲକ୍ଷ୍ମୀକାନ୍ତ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ।

## ■ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା
## ବିଜୟୀ ଦଳକୁ ଟ୍ରଫି, କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର

**ବାଲେଶ୍ୱର ଅଫିସ,୨୫।୮**

ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସ୍କିଟ୍, ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷା ତଥା ଅତିରିକ୍ତ ଜିଲା ଏବଂ ଦୌରାଜଜ୍-୦୩ ସୋନାଲି ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ୧୬ଟି ଷ୍ଟୁଡେଣ୍ଟ ଲିଗାଲ ଲିଟେରେସୀ କ୍ଲବ ଅଂଶଗ୍ରହଣ କରିଥିଲେ।

ଜିଲାସ୍ତରୀୟ ସ୍କିଟ୍ ପ୍ରତିଯୋଗିତାରେ ରସାଲପୁର ହାଇସ୍କୁଲ ପ୍ରଥମ ଓ ଜିଲା ହାଇସ୍କୁଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ରଚନା ପ୍ରତିଯୋଗିତାରେ ସୁଚିସ୍ମିତା ସାହୁ ପ୍ରଥମ, ଋତୁପର୍ଣ୍ଣା ସାହୁ ଦ୍ୱିତୀୟ ଓ ଇନ୍ଦ୍ରାଣି ଦତ୍ତ ତୃତୀୟ ସ୍ଥାନ ଅଧିକାର




କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅମ୍ରିତ୍ କଲ୍ୟାଣ ଗିରି ପ୍ରଥମ, ପଦ୍ମାଳୟା ଶାସିନି ଦ୍ୱିତୀୟ ଓ ଜ୍ୟୋତିପ୍ରକାଶ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କୁମାରୀ ବିନ୍ଦୁ ସୁକେଶିନି ଦାଶ ପ୍ରଥମ, ଯାମିନି କ୍ରିଷ୍ଣା ଦାସ ଦ୍ୱିତୀୟ ଓ ଅଭିପ୍ସା ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି-୦୧ ସର୍ବେଶ୍ୱର ଦାସ, ଅତିରିକ୍ତ ବରିଷ୍ଠ ଦେଓାନୀ ବିଚାରପତି-୦୩ ସ୍ୱୟଂପ୍ରକାଶ ଦାସ, ଜେଏମ୍‌ଏଫ୍‌ସି କୁମାରୀ ସୁଦେଷ୍ଣା ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଅଧାପକ ରବିନାରାୟଣ ପଣ୍ଡା, ଜୟନ୍ତ କୁମାର ପାଇକରାୟ, ରଶ୍ମିରଞ୍ଜନ ଦାସ, ରମେଶ ଚନ୍ଦ୍ର ଜେନା ଚୟନ କମିଟିର ସଦସ୍ୟ ଭାବରେ ଉପସ୍ଥିତ ଥିଲେ। ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଆରାଧନା ଷଡ଼ଙ୍ଗୀ, ଏସଡିଜେଏମ୍ ମୋନାଲିସା ପଟ୍ଟନାୟକ, ଜେଏମଏଫସି ବିମଳଲକ୍ଷ୍ମୀ ଚୌଧୁରୀ, ମିଳନ ତାଣ୍ଡି ଏବଂ କୋର୍ଟ ମ୍ୟାନେଜର ଶଶୀକାନ୍ତ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ର ଓ ବିଜୟୀ ଦଳକୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆକ୍ରମଣରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

**ତିହିଡ଼ି, ୨୫।୮ (ଡି.ଏନ.ଏ.):** ତିହିଡ଼ି ଥାନା ଅଧୀନ କାଁପଡ଼ାବିନ୍ଧା ଗ୍ରାମର ଦଶରଥ ମଳିକ ନାମକ ଜଣେ ବ୍ୟକ୍ତିଙ୍କୁ ଗତ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ମଧାହ୍ନରେ ଦଶରଥଙ୍କ ସ୍ତ୍ରୀ ଶକୁନ୍ତଳା ଆକ୍ରମଣ ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଉକ୍ତ ଗ୍ରାମର ପ୍ରଫୁଲ୍ଲ ମଳିକଙ୍କ ନାଁରେ ମାମଲା(ନଂ. ୩୮୫/୧୯) ରୁଜୁ କରିଥିଲା। ଦଶରଥଙ୍କ ମୃତ୍ୟୁ ପରେ ଏହା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଉଲ୍ଲେଖନୀୟ ଯେ, ଗତ ୨୧ ତାରିଖ ରାତି ପ୍ରାୟ ୧୦ଟା ବେଳେ ପ୍ରଫୁଲ୍ଲ ଦଶରଥଙ୍କ ଘରକୁ ଯାଇ ତାଙ୍କୁ ଡାକି ନେଇଥିଲେ। ପରେ ଦଶରଥ ଏକ ଦୋକାନ ପାର୍ଶ୍ୱରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମର କେତେକ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଶକୁନ୍ତଳା ଘଟଣାସ୍ଥଳରେ ପହଞ୍ଚି ଦଶରଥଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା।

### ପୋଖରୀରେ ବୁଡ଼ି ନାବାଳିକାଙ୍କ ଜୀବନ ଗଲା

**ଭଦ୍ରକ ଅଫିସ, ୨୫।୮:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତୋରଣପଦା ଗାଁର କଲ୍ୟାଣୀ ପଲେଇ ନାମ୍ନୀ ଜଣେ ନାବାଳିକା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ରବିବାର ମଧାହ୍ନରେ ସେ ଗାଁ ପୋଖରୀକୁ ଯାଇଥିବା ବେଳେ ହଠାତ୍ ଗୋଡ଼ ଖସିଯାଇଥିଲା। ଅଧିକ ପାଣି ଥିବା କାରଣରୁ ସେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜରାଶ୍ରମ ଖୋଜୁଛନ୍ତି ବଟକୃଷ୍ଣ

**ଆରଡ଼ି, ୨୫।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋହରାପାଟଣା ଗାଁର ୮୦ ବର୍ଷୀୟ ବୃଦ୍ଧ ବଟକୃଷ୍ଣ ଜେନା ଏବେ ଏକୁଟିଆ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ୨୦ ବର୍ଷ ତଳେ ମିଳିଥିବା ଇନ୍ଦିରା ଆବାସ ଭାଙ୍ଗିରୁଜି ଅସୁରକ୍ଷିତ ହୋଇପଡ଼ିଥିଲେ ବି ସେଠାରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ତିତ୍‌ଲୀ ବାତ୍ୟାରେ ଘର ଆଜବେଷ୍ଟସ ଭାଙ୍ଗି ଯାଇଥିଲେ ମଧ୍ୟ ଏହାକୁ ମରାମତି କରିପାରି ନାହାନ୍ତି। ଗୋଟିଏ ବଖରା ବିଶିଷ୍ଟ ଘରର ମୁଖ୍ୟ ଦ୍ୱାର କବାଟ ଭାଙ୍ଗିଯାଇଛି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ଘରେ ବସିଉଠି ହେଉ ନାହିଁ। ଖାଇବାକୁ ନ ପାଇ ଅଧିକାଂଶ ଦିନ ସେ ଭୋକ ଉପାସରେ ରହୁଛନ୍ତି। ଏଭଳି ଅବସ୍ଥାରେ ଜରାଶ୍ରମ ତାଙ୍କ ପାଇଁ ଶ୍ରେୟସ୍କର ବୋଲି ସେ କହିଛନ୍ତି।

ବୟସର ଅପରାହ୍ନରେ ବଞ୍ଚିବାର ରାହା ଖୋଜୁଥିବା ବଟକୃଷ୍ଣ ଏବେ ସ୍ଥାନୀୟ



ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ଲାଗି କୌଣସି ଜରାଶ୍ରମର ସୁବିଧା କରାଇ ଦେବାକୁ ଅନୁରୋଧ କରିଛନ୍ତି। ଆଜିକୁ ୨୦ବର୍ଷ ତଳେ ରୋଗରେ ପଡ଼ି ତାଙ୍କ ସ୍ତ୍ରୀ ପ୍ରାଣ ହରାଇବା ପରେ ଦୁଇ ପିଲାଙ୍କ ସହ ପରିବାରକୁ କୌଣସି ପ୍ରକାରେ ଚଳାଇ ଆସୁଥିଲେ। ବାର୍ଦ୍ଧକ୍ୟର ଅସହାୟତା ଆବୋରି ବସିବାରୁ ସେ ଆଉ ଆଗ ଭଳି କାମଧନ୍ଦା କରିପାରୁ ନାହାନ୍ତି। ଦୁଇପୁଅ ନିଜ ପରିବାର ଓ ପେଟପାଟଣା ଚିନ୍ତାରେ ଘାରି ହେଉଥିବାରୁ ବଟକୃଷ୍ଣ ସେମାନଙ୍କ ଉପରେ ବୋଝ ନ ହେବାକୁ ସ୍ଥିର କରି ଏକୁଟିଆ ରହିଆସୁଛନ୍ତି। ବୟସ ବଢ଼ିବା ସାଙ୍ଗକୁ ରୋଗ ଯନ୍ତ୍ରଣା ତାଙ୍କ ଜୀବନକୁ ଅଧିକ ଅସହାୟ କରିଛି। ପାଖରେ କେହି ନ ଥିବାରୁ ସେ ଜରାଶ୍ରମରେ ରହିବାକୁ ସ୍ଥିର କରିଥିବା କହିଛନ୍ତି। ଅନାହାର ଓ ଅର୍ଦ୍ଧାହାରରେ ଦିନ ବିତାଉଥିବା ବଟକୃଷ୍ଣଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ■ ଗାଁକୁ ନାହିଁ ସବୁଦିନିଆ ରାସ୍ତା
# ଅଧିକାରୀ ସ୍ଥିତି ପରଖିଲେ

**ଭଦ୍ରକ ଅଫିସ, ୨୫।୮**

ଗାଁକୁ ସବୁଦିନିଆ ପକ୍କାରାସ୍ତା ନ ଥିବାରୁ ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତ କୁସୁନନଗର ମୌଜାର ବଢେଇଗଡ଼ିଆ ଗ୍ରାମବାସୀ ନାନା ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଖବର ଗତ ୨୨ ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହାପରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏ ନେଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଭଦ୍ରକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଉମେଶ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସ ରବିବାର ଉକ୍ତ ଗାଁରେ ପହଞ୍ଚି ରାସ୍ତା ସ୍ଥିତି ଅନୁଧ୍ୟାନ କରିଛନ୍ତି। ବରପଦା ବଜାରଠାରୁ ଉକ୍ତ ଗାଁକୁ ଯିବା ପାଇଁ ଥିବା ୧୨ଶହ ମିଟର ରାସ୍ତା



ବ୍ଲକ ସହକାରୀ ଯନ୍ତ୍ରୀ ବଢେଇଗଡିଆ ରାସ୍ତା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କିଭଳି ପାଣି କାଦୁଅରେ ଭର୍ତ୍ତି ହୋଇଛି ଓ ଏବେ ପାଣି ନିଷ୍କାସନ ସମସ୍ୟା କାରଣରୁ କିଭଳି ମୁଖ୍ୟରାସ୍ତାକୁ କାଟିଦିଆଯାଇଛି ତାହା ସେ ବୁଲି ଦେଖିଥିଲେ। ରାସ୍ତା କାଟି ଦିଆଯାଇଥିବାରୁ ପଟା ପକାଇ ଲୋକେ ଅସୁବିଧାରେ ଯାତାୟାତ କରୁଥିବା ସେ ହୃଦୟଙ୍ଗମ କରିଥିଲେ। ସୋମବାର ବିଡିଓଙ୍କୁ ଏ ନେଇ ରିପୋର୍ଟ ପ୍ରଦାନ କରିବେ ବୋଲି ସେ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଯନ୍ତ୍ରୀଙ୍କ ଏହି ଗସ୍ତ ପରେ ରାସ୍ତା ନିର୍ମାଣ କରାଯିବାକୁ ନେଇ ଗ୍ରାମବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

### ଅପହରଣକାରୀଙ୍କୁ ୩ ବର୍ଷ ଜେଲ୍

**ଭଦ୍ରକ ଅଫିସ, ୨୫।୮:** ଭଦ୍ରକ ସ୍ପେଶାଲ ଟ୍ରାକ୍ ଜଜ୍ ଜନକ ରାଉତ ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଅଭିଯୁକ୍ତ ଯୁବକଙ୍କୁ ୩ ବର୍ଷ ଜେଲ୍ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ଧାମନଗର ଥାନା ଅଞ୍ଚଳର ଜଣେ ନାବାଳିକା ୨୦୧୪ ଜାନୁୟାରୀ ୨ ତାରିଖ ସନ୍ଧ୍ୟା ୫ ଟାରେ ଟ୍ୟୁସନ ଯାଉଥିବା ବେଳେ ଆଲୋକ ଜେନା ନାମକ ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। ସେହି ମାସ ୬ ତାରିଖରେ ସେ ନାବାଳିକାଙ୍କୁ ନେଇ ବାହାରକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ନାବାଳିକାଙ୍କ ବାପାଙ୍କ ଏତଲା କ୍ରମେ ଧୁଷୁରୀ ଥାନାରେ ଏକ ମାମଲା (ନଂ.୬/୨୦୧୪) ରୁଜୁ କରି ପୋଲିସ ଆଲୋକଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ସ୍ପେଶାଲ ଟ୍ରାକ୍ ଜଜ୍ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ଅଭିଯୁକ୍ତ ଆଲୋକଙ୍କୁ ଏହି ଦଣ୍ଡ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ବସନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## ମହିଳା ଗୋଷ୍ଠୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

**ତିହିଡ଼ି, ୨୫।୮ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ ମହାଦେବପୁର ବଡ଼ ବୈଷ୍ଣବସାହି ଗ୍ରାମର ଜଣେ ବ୍ୟକ୍ତି କେତେକ ମହିଳାଙ୍କଠାରୁ ୩ ଲକ୍ଷ ୩୫ ହଜାର ଟଙ୍କା ନେଇ ଫେରାଉ ନ ଥିବା ଥାନାରେ ଅଭିଯୋଗ ହୋଇଛି। ଭାଇ ଚାକିରି କଥା କହି ସେହି ବ୍ୟକ୍ତି ଜଣଙ୍କ ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ନ୍ୟାୟ ପାଇଁ ଗ୍ରାମର ଏକ ସ୍ୱୟଂସହାୟକ ଗୋଷ୍ଠୀର କେତେକ ମହିଳା ରବିବାର ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ୨୦୧୮ ମସିହାରେ ଜଣେ ବ୍ୟକ୍ତି ଓ ତାଙ୍କ ପତ୍ନୀ ମିଶି ଏକ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିଥିଲେ। ପରେ ସେହି ବ୍ୟକ୍ତି ଗ୍ରାମର କେତେକ ମହିଳାଙ୍କୁ ଗୋଷ୍ଠୀର ସଦସ୍ୟା କରିଥିଲେ। ସେ ନିଜର ଅସୁବିଧା ଓ ତାଙ୍କ ଭାଇ ଚାକିରି ପାଇଁ ଗୋଷ୍ଠୀର ଅନସୂୟା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମହାନ୍ତି, ତିଲୋତ୍ତମା ମହାନ୍ତି, ସ୍ୱର୍ଣ୍ଣଲତା ବେହେରା ଓ ଅତସୀ ମହାପାତ୍ରଙ୍କଠାରୁ ତିନି ମାସ ତଳେ ୩.୩୫ ଲକ୍ଷ ଟଙ୍କା ନେଇଥିଲେ। ସେ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। କିଛିଦିନ ପରେ ଏହି ମହିଳାମାନେ ତାଙ୍କୁ ମାଗିବାରୁ ସେ ଟଙ୍କା ଦେବା ପରିବର୍ତ୍ତେ ବିଭିନ୍ନ ଧମକ ଦେଇଥିବା ଦର୍ଶାଯାଇଛି।

## ନନ୍ଦ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଭଦ୍ରକ ଅଫିସ, ୨୫।୮:** ଭଦ୍ରକ ଜିଲା ଯାଦବ ମହାସଭା ଓ ଯୁବ ଯାଦବ ସଙ୍ଗଠନ ପକ୍ଷରୁ ସଦର ବ୍ଲକ ଚୁନିଦା ବଜାରସ୍ଥିତ ଯାଦବ ଭବନଠାରେ ଦୁଇଦିନିଆ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲା ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲାପରିଷଦ ସଦସ୍ୟ ବିପ୍ଳବୀ ଚକ୍ରଧର ଧୀରେନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଅଧ୍ୟାପିକା ଭାନୁମତି ମାଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଯାଦବମାନଙ୍କର ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୁବ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ପ୍ରକାଶ ଜ୍ୟୋତି ମହାକୁଡ଼, ଜିଲା ଯାଦବ ମହାସଭାର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ସଭାପତି ଆଇନଜୀବୀ ଅମର ବାରିକ, ଅଧ୍ୟାପକ ବିଜୟ ପରିଡ଼ା, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ପୂର୍ବତନ ଜିଲା ଯୁବ ଯାଦବ ସଭାପତି ରାଜୀବ ଦାସ, ଆଇନଜୀବୀ କାହ୍ନୁଚରଣ ବାରିକ, ଯୁବ ଯାଦବ ମହାସଭାର ଉପସଭାପତି ଲିପିକା ବାରିକ, ସାଧାରଣ ସମ୍ପାଦକ ଶେଷଦେବ ପରିଡ଼ା, ପ୍ରଦୀପ ବାରିକ, ପୁରୁଷୋତ୍ତମ ବାରିକ୍, ଚାନ୍ଦବାଲିର ବ୍ରଜକିଶୋର ବାରିକ ଓ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାସଭା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଏଥିରେ ଭାଗ ନେଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଯାଦବ ମହାସଭାର ଉପସଭାପତି ଆଇନଜୀବୀ ମନୋଜ ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବ




ବକ୍ତୃତା ପ୍ରତିଯୋଗିତା ଅବସରରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୫।୮:** ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବ-୨୦୧୯ ରବିବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶରେ ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶୋଭନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ ଜିଲା ଜଜ୍ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମୀୟ ରଞ୍ଜନ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ୧୭ଟି ସ୍କୁଲ ତଥା ସ୍କୁଲର ଆଇନ ସାକ୍ଷରତା କ୍ଲବର ପ୍ରାୟ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ରଚନା, ବକ୍ତୃତା, ଚିତ୍ରାଙ୍କନ ଓ କ୍ଷୁଦ୍ର ଶିକ୍ଷଣୀୟ ନାଟକ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭଦ୍ରକ ଜିଲା କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ଶୁଭଞ୍ଜନ ମହାନ୍ତି, ରେଜିଷ୍ଟ୍ରାର ଜନକ ରାଉତ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିବେକ ସାସମଲ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଶ୍ମିନାରାୟଣୀ ମିଶ୍ର, ନର୍ମଦା କର, ସସ୍ମିତା ସାହୁ, ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଶୁଭଶ୍ରୀ ବେହେରା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସସ୍ମିତ ଶୁଭଙ୍କର ଖୁଣ୍ଟିଆ ଓ ଶିକ୍ଷକ ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଘରୁ ମୋଟରସାଇକେଲ ଚୋରି

**ସିମୁଳିଆ, ୨୫।୮ (ଡି.ଏନ.ଏ.):** ସିମୁଳିଆ ଥାନା ଚାଲୁଣୀଗାଁ ଅଞ୍ଚଳର ଗୋବିନ୍ଦ ମଳିକଙ୍କ ଘର ନିକଟରୁ ଶନିବାର ତାଙ୍କ ବାଇକ (ନଂ.ଓଡ଼ି୦୧କେ-୫୪୬୫) ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲଗାତର ଚୋରି ହେଉଥିଲେ ହେଁ ପୋଲିସ ଚୋରମାନଙ୍କୁ ଧରିବାରେ ବିଫଳ ହେଉଛି।

## ଅଜଣା ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

■ ଚିକିତ୍ସା ପରେ ବି ଭଲ ହେଉନି
■ ଚିନ୍ତାରେ ଗୋପାଳକ

**ଆରଡ଼ି, ୨୫।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଳଗ, ସୁନ୍ଦରପୁର, ନାନ୍ଦପୁର ଓ ଆରଡ଼ି ପଞ୍ଚାୟତର ପ୍ରାୟ ୨୫ ଖଣ୍ଡ ଗାଁରେ ଗୋରୁଙ୍କୁ ଏକ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଶତାଧିକ ଗୋରୁ ଏଥିରେ ଆକ୍ରାନ୍ତ। ଚିକିତ୍ସା ପରେ ବି ଭଲ ହେଉ ନ ଥିବାରୁ ଗ୍ରାମବାସୀ ତଥା ଗୋପାଳକମାନେ ଚିନ୍ତା ପ୍ରକଟ କରିଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ମାସେ ହେବ ଗୋରୁଙ୍କ ଦେହ ଓ ଗୋଡ଼ରେ ବଥ ଭଳି ଆବୁ ବାହାରୁଛି। ୧୦ ଦିନ ପରେ ସେହି ଆବୁ ଫାଟି ଯାଇ ପୂଜ ଓ ରକ୍ତ ବାହାରୁଛି। ତାହା ଭଲ ନ ହୋଇ ଘା ହୋଇ ଯାଉଥିବାବେଳେ ଶୁଖିବାରେ ବିଳମ୍ବ ହେଉଛି। ପ୍ରତିଷେଧକ ବ୍ୟବସ୍ଥା ନ ଥିବାରୁ ସେମାନେ ବାଧହୋଇ ଘରୋଇ ପ୍ରାଣୀ ଡାକ୍ତର ଡାକି ଚିକିତ୍ସା କରୁଛନ୍ତି। ଏହି ଚିକିତ୍ସା ବାବଦରେ ଗୋରୁ ପିଛା ପ୍ରାୟ ୩ ହଜାର ଟଙ୍କା ଖର୍ଚ୍ଚ ହେଉଥିଲେ ବି ଗୋରୁମାନେ ରୋଗମୁକ୍ତ ହେଉ ନାହାନ୍ତି। ଏହି ଅଜଣା ରୋଗରେ ଷାଠିବାଙ୍କୁଡା, କୁଳେଇପଦା, ଓଳଗ ଗାଁର ଅଧିକ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ବାଛୁରୀମାନଙ୍କୁ ଏହି ରୋଗ ହେବାରୁ ଆଖିରୁ ଲୁହ ବାହାରିବା ସହ ଚାଲିବୁଲି ପାରୁନାହାନ୍ତି। ଏହି ରୋଗର ନିରାକରଣ କରିବା ସହ ଖୁବ୍‌ଶୀଘ୍ର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଗଗନ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ଅଧିକାଂଶ ଗାଁରେ ଏଭଳି ରୋଗ ବ୍ୟାପିଥିବା ଖବର ଆମର ହସ୍ତଗତ ହୋଇଛି। ତେବେ ଏକ ପ୍ରକାର ଭାଇରସ୍ ଫନୀ ବତ୍ୟା ପରେ ବାଂଲାଦେଶରୁ ପଶ୍ଚିମବଙ୍ଗ ଓ ପରେ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡା ଆଦି ଜିଲାରେ ବ୍ୟାପି ଯାଇଛି। ଏହି ରୋଗର ପ୍ରତିଷେଧକ ବ୍ୟବସ୍ଥା କେତେକ ସ୍ଥାନରେ କରାଗଲାଣି। ବାକି ରହିଥିବା ସ୍ଥାନରେ ଖୁବ୍‌ଶୀଘ୍ର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com



କ୍ରିଷ୍ଣା



ଜୟଜିତ



ବେନ୍‌ଗୁଲାମ



ଶ୍ରୀନିବାସ

# କଳା ଦିବସ ପାଳିବ କୁଡୁମୀ ସେନା




ପ୍ରସ୍ତୁତି ବୈଠକ ପରେ ଏକାଠି ହୋଇଥିବା କୁଡୁମୀ ସେନାର ସଭ୍ୟାସଭ୍ୟ।

- ଆଦିବାସୀ ତାଲିକାରୁ ବାଦ ଦିଆଯିବା ଘଟଣାର ପ୍ରତିବାଦ
- ୪ ଉପଖଣ୍ଡର ସଭ୍ୟାସଭ୍ୟ କଳାବ୍ୟାଜ ପରିଧାନ କରିବେ

**ଠାକୁରମୁଣ୍ଡା,୨୫।୮(ଡ଼ି.ଏନ୍.ଏ.)**

କୁଡୁମୀ ଜାତିକୁ ପୁନର୍ବାର ଆଦିବାସୀ ତାଲିକାଭୁକ୍ତ କରିବା ପାଇଁ ହେଉଥିବା ଦାବିକୁ ତୀବ୍ରତର କରିବାପାଇଁ ରାଜ୍ୟ କୁଡୁମୀ ସେନା ଅଣ୍ଟା ଭିଡ଼ିଛି। ଆସନ୍ତା ୬ ତାରିଖକୁ ସେନା କଳା ଦିବସ ପାଳନ କରିବ ବୋଲି ଘୋଷଣା କରିଛି।

୧୯୫୦ ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ତାଲିକାରୁ ବାଦ୍ ଦିଆଯାଇଥିଲା। ଏଥିଯୋଗୁଁ ଏହି ଜାତିର ଲୋକେ ଆଦିବାସୀମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଛନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଯାଜପୁର, ଦେବଗଡ ସମେତ ଅନ୍ୟାନ୍ୟ ଜିଲାରେ ବହୁ ସଂଖ୍ୟକ କୁଡୁମୀ ଜାତିର ଲୋକ ବସବାସ କରି ଆସୁଛନ୍ତି। ଓଡ଼ିଶାରେ ମୋଟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଏହି ଜାତିର ଲୋକ ରହିଛନ୍ତି। ଏହି ଜାତିର ମଧ୍ୟ ଏକ ସ୍ୱତନ୍ତ୍ର କୁଡ଼ମାଲି ଭାଷା ରହିଛି ବୋଲି କୁଡୁମୀ ସେନା ପକ୍ଷରୁ ସୂଚନା ଦିଆଯାଇଛି। ରବିବାର କୁଡୁମୀ ସେନାର ରାଜ୍ୟ ସଭାପତି ଜୌମୁନି ମହାନ୍ତଙ୍କ ସଭାପତିତ୍ୱରେ କଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ୬ ତାରିଖରେ ଜିଲା ସଦର ମହକୁମାରେ ସେନାର ସଭ୍ୟମାନେ କଳା ପଟି ବାନ୍ଧି ଶୋଭାଯାତ୍ରା ଓ ଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ମୟୂରଭଞ୍ଜ ଜିଲାର ୪ଟି ଉପଖଣ୍ଡରେ ସଭ୍ୟ ମାନେ କଳାବ୍ୟାଜ ପରିଧାନ କରି ଧାରଣା ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଦିବ୍ୟସିଂ ମହାନ୍ତ, କାର୍ଯ୍ୟକାରିଣୀ ସଭ୍ୟ ଲାଲି ମହାନ୍ତ, ଦିନେଶ ମହାନ୍ତ, ଉପେନ୍ଦ୍ର ମହାନ୍ତଙ୍କ ସମେତ ଠାକୁରମୁଣ୍ଡା, ଯଶୀପୁର, କରଞ୍ଜିଆ, ରରୁଆଁ, ଶୁକ୍ଳି ବ୍ଲକର ସଭାପତି ଓ ସେନାର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ଜ୍ଞାନର ବିକାଶ କରେ ଜ୍ଞାନବିଜ୍ଞାନ ମେଳା'

**ବଡ଼ସାହି,୨୫।୮(ସ୍ୱ.ପ୍ର)**-ବଡ଼ସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବେତନଟୀ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀ ସଙ୍କୁଳ ପ୍ରମୁଖ ହରେକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ମୁଖ୍ୟବକ୍ତା ଭାବେ ପୂର୍ବୋତ୍ତର ସମ୍ବାଗର ସଦସ୍ୟ ଶରତ କୁମାର ମଲ୍ଲିକ, ସଙ୍କୁଳ ସଂଯୋଜିକା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର ଓ ପରିଚାଳନା କମିଟିର ସଭାପତି ସୁଷମା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନବିଜ୍ଞାନ ମେଳା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହୋଇଥାଏ। ବିଜ୍ଞାନକୁ ସତ୍ ଉପାୟରେ ବିନିଯୋଗ କଲେ ଦେଶ ତଥା ସମାଜର ମଙ୍ଗଳ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ସଙ୍କୁଳ ଅଧୀନରେ ଥିବା ୮ଟି ସ୍କୁଲରୁ ୨୨୪ଜଣ ଶିଶୁ ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବଡ଼ସାହି ସରପଞ୍ଚ ସୁପ୍ରଭା ସିଂ, ପରିଚାଳନା କମିଟିର ଉପସଭାପତି ରସାନନ୍ଦ ବଳ, ପୂର୍ବତନ ସମ୍ପାଦକ ପ୍ରବୋଧ କୁମାର ଭୂୟାଁ,ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ନୀଳାଦ୍ରି ବିହାରୀ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ, କର୍ମକର୍ତ୍ତା ଓ କର୍ମଚାରୀ ସହଯୋଗ କରିଥିଲେ।

### ଜ୍ଞାନବିଜ୍ଞାନ ମେଳାରେ ୬୮ ପ୍ରକଳ୍ପ

**କୋଷ୍ଠା,୨୫।୮(ଡ଼ି.ଏନ୍.ଏ.)**- ଶୂଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବାରିପଦା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କୁଳ ଅଧୀନ ବାରିପଦା, ଭଞ୍ଜପୁର, ମୁର୍ଗାବାଡ଼ି, ଲକ୍ଷ୍ମୀପୋଷି, ଅସ୍ତିଆ, କରଞ୍ଜିଆ, ଶାଳବଣି, ଚିତ୍ରଡା, ଗଡିଆ, ଶୂଳିଆପଦା,କୋଷ୍ଠା ଆଦି ୧୧ଟି ଶିଶୁ ମନ୍ଦିରର ମୋଟ ୨୦୯ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଶିଶୁ ବର୍ଗରୁ ୪୦, ବାଲ ବର୍ଗରୁ ୨୨, ଓ କିଶୋର ବର୍ଗରୁ ୬ ଟି ପ୍ରକଳ୍ପକୁ ମିଶାଇ ୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିଶୁ ବର୍ଗପାଇଁ ଗୌରାଙ୍ଗ ପାତ୍ର, ହେମନ୍ତ କୁମାର ବେହେରା, ବାଲବର୍ଗ ପାଇଁ ସୁବ୍ରତ ନାଏକ, ଅଞ୍ଜଳି ପଣ୍ଡା ଓ କିଶୋର ବର୍ଗ ପାଇଁ ଚିନ୍ମୟ କୁମାର ଦାସ, ଘାସିରାମ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ବାଲ୍ ବର୍ଗରୁ ୩ ଓ କିଶୋର ବର୍ଗରୁ ୩ଟି ପ୍ରକଳ୍ପ ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିସହିତ ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବାରିପଦା ସଙ୍କୁଳ ପ୍ରମୁଖ ରମାକାନ୍ତ ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସରକାରୀ ସ୍କୁଲ ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁ, ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ବିଭାଗ ପ୍ରମୁଖ ରଣଜୀତ ଧଳ, ସଂକୁଳ ବିଜ୍ଞାନ ପ୍ରମୁଖ ପ୍ରଭାତ ସାହୁ, ଧ୍ୟାନେନ୍ଦ୍ର ନାଥ ପାଣି, ସମ୍ପାଦକ ଅରୁଣ କୁମାର ଦତ୍ତ ମଞ୍ଚାସୀନ ହୋଇଥିଲେ। କୋଷ୍ଠା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

**କପ୍ତିପଦା,୨୫।୮(ଡ଼ି.ଏନ୍.ଏ.)**- କପ୍ତିପଦା ଅଞ୍ଚଳର ଆଦର୍ଶ ଶିକ୍ଷକ, ବିଶିଷ୍ଟ ସମାଜସେବୀ ତଥା ସୁଚିକିତ୍ସକ ବେଣୁଧର ବେହେରାଙ୍କ ବିୟୋଗରେ ନୂଆସାହିସ୍ଥିତ 'ମାଟିଫୁଲ' କାର୍ଯ୍ୟାଳୟ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମହାନ୍ତି ପୌରୋହିତ୍ୟ କରିଥିଲେ। ଉପସ୍ଥିତ ଅତିଥିମାନେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରି ବେଣୁ ସାର୍‌ଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। 'ମାଟିଫୁଲ'ର ସମ୍ପାଦକ ଗାଳ୍ପିକ ବସନ୍ତ କୁମାର ରାଉଳ ବେଣୁ ସାର୍‌ଙ୍କ ସହ ତାଙ୍କର ଅତି ନିବିଡ଼ ସମ୍ପର୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ମାଟିଫୁଲ'ର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ଜୟଚନ୍ଦ୍ର ବେହେରା, ବାଇଧର ବେହେରା, ଅନନ୍ତ କୁମାର ବାରିକ, କୈଳାସ ଚନ୍ଦ୍ର ବେହେରା, ବିରଞ୍ଚି ବେହେରା, ସୁବାସ ଶଙ୍ଖୁଆ, ଗୋବିନ୍ଦ ବେହେରା, ବୈଦ୍ୟନାଥ ଭୋଇ, ବୃନ୍ଦାବନ ମହାନ୍ତି, ସୁଦାମ ପରିଡ଼ା ପ୍ରମୁଖ ଶୋକ ସଭାରେ ଯୋଗଦେଇଥିଲେ।

- ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ମାନ୍ୟତା ପାଇଁ ଉଦ୍ୟମ

# ବିଭାଗୀୟ ଅଧିକାରୀଙ୍କ ସହ ସରୋଜିନୀଙ୍କ ଆଲୋଚନା



ଅଧିକାରୀମାନଙ୍କ ସହିତ ରାଜ୍ୟ ସଭା ସଦସ୍ୟା ଆଲୋଚନା କରୁଛନ୍ତି।

**ବାରିପଦା ଅଫିସ,୨୫।୮**

ମୟୂରଭଞ୍ଜ ଜିଲାର କଳାବାଡିଆ-ବାଙ୍ଗିରିପୋଷି, ଯଶୀପୁର-ଚମ୍ପୁଆ, ଆନନ୍ଦପୁର-ଠାକୁରମୁଣ୍ଡା-ଉଦଳା-ବାରିପଦା, ନୀଳଗିରି-କପ୍ତିପଦା-ବାରିପଦା ଏବଂ ଭଦ୍ରକ-ଆନନ୍ଦପୁର-କରଞ୍ଜିଆ-ସିଙ୍ଗଡା ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ରାଜପଥଗୁଡିକୁ ୪ ଥାକିଆ କରିବା ପାଇଁ ସେ ପୂର୍ବରୁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀଙ୍କୁ ପ୍ରସ୍ତାବ ଦେବା ସହିତ ଆଲୋଚନା କରିଥିଲେ। ରାଜ୍ୟ ରାଜପଥଗୁଡ଼ିକୁ ଜାତୀୟ ରାଜପଥରେ ପରିବର୍ତ୍ତନ କରିବା ପାଇଁ ଡିପିଆର ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ମୀପୋଷି ସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ଡାକବଙ୍ଗଳାରେ ଜାତୀୟ ରାଜପଥ, ଏନଏଚଏଆଇ ପି.ଡି. ନାଗେଶ୍ୱର ରାଓ, ଆଇରନ ଟ୍ରାଏଙ୍ଗେଲ ଲିମିଟେଡ ପି.ଡି. ଇଂ.ମୋହନ କୁମାର ମିଶ୍ର, ଏଲଏଣ୍ଡଟି ପ୍ରୋଜେକ୍ଟ ମ୍ୟାନେଜର ମାନବ ପଣ୍ଡା ଏବଂ ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପୀତବାସ ସେଠୀଙ୍କ ସହ ସେ ଆଲୋଚନା କରିଛନ୍ତି। ଜାତୀୟ ରାଜପଥ କାର୍ଯ୍ୟ ଜୋରସୋରରେ ଚାଲିଛି ଏବଂ ସବୁ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବ ବୋଲି ଜାତୀୟ ରାଜପଥ ଅଧିକାରୀମାନେ ରାଜ୍ୟ ସଭା ସଦସ୍ୟାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଫୁଲ ଗଛ ଲଗାଇବା ସହିତ ଫ୍ଲାଏଓଭର ବ୍ରିଜର ଉଭୟ ପାର୍ଶ୍ୱରେ ମୟୂରଭଞ୍ଜର ଐତିହ୍ୟ କଳାକୃତିରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସରୋଜିନୀ ଜାତୀୟ ରାଜପଥ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତୀକରଣ ପାଇଁ ମଧ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ବଜ୍ରପାତରୁ ସୁରକ୍ଷା ଦେବ 'ମିଶନ ତାଳ'

**କପ୍ତିପଦା,୨୫।୮(ଡ଼ି.ଏନ୍.ଏ.)**




ମିଶନ ତାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

'ମିଶନ ତାଳ'ର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ମୟୂରଭଞ୍ଜ ଜିଲା କପ୍ତିପଦା ମଣ୍ଡଳ ଶିକ୍ଷାଧିକାରୀ ଶଶୀଧର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଆଗରୁ ସବୁ ଗାଁରେ ଅନେକ ତାଳଗଛ ଥିଲା। ଏବେ ଏହି ଗଛ ଆଉ ଦେଖିବାକୁ ମିଳୁ ନାହିଁ। ଏହା ବଜ୍ରପାତରୁ ସମସ୍ତଙ୍କୁ ସୁରକ୍ଷା ଦେଉଥିଲା। ସମ୍ପ୍ରତି ବିଶ୍ୱ ତାପନ ସମସ୍ୟା ଯୋଗୁ ବଜ୍ରପାତ ଜନିତ ଦୁର୍ଘଟଣା ବଢିବାରେ ଲାଗିଛି। ଆଗକୁ ଏହାର ପ୍ରଭାବ ଅଧିକ ରହିବ ବୋଲି ପରିବେଶବିତମାନେ ମତ ଦେଉଛନ୍ତି। ଯଦି ବିଭିନ୍ନ ଅଞ୍ଚଳରେ ତାଳଗଛ ରୋପଣ କରାଯିବ, ତେବେ ପ୍ରାକୃତିକ ଉପାୟରେ ବଜ୍ରପାତ ବିପତ୍ତିରୁ ରକ୍ଷା ପାଇ ହେବ ବୋଲି ଉତ୍ସବରେ ବକ୍ତା ଓ ଅତିଥି କହିଥିଲେ। ତାଳ ଗଛର ଅନେକ ଉପକାରୀ ଗୁଣ ରହିଛି। ତାଳୁରୁ ତଳିପା ଯାଏ ଏହି ଗଛ ଚାଷୀଙ୍କ ଉପକାରରେ ଲାଗେ। ବୈଜ୍ଞାନିକ ଦୃଷ୍ଟିକୋଣ ଅନୁଯାୟୀ ତାଳଗଛ ବିଜୁଳିକୁ ଆକର୍ଷିତ କରି ମୃତ୍ତିକାକୁ ଛାଡ଼ିଥାଏ। ଏହା ଦ୍ୱାରା ବଜ୍ରପାତଠାରୁ ପ୍ରାଣୀକୁଳ ସୁରକ୍ଷା ପାଆନ୍ତି। ଏହାଦ୍ୱାରା ପରିବେଶ ମଧ୍ୟ ସନ୍ତୁଳିତ ରହେ। ଏଣୁ ବିଭିନ୍ନ ଅଞ୍ଚଳରେ ତାଳଗଛ ଚାରା ରୋପଣ ଉପରେ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ କପ୍ତିପଦା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଜରିଆରେ ଚାରା ରୋପଣ ଲାଗି ରଖାଯାଇଥିବା ଲକ୍ଷ୍ୟ ସମ୍ପର୍କରେ ଶିକ୍ଷାଧିକାରୀ ସୂଚନା ଦେବା ସହ ତାଳଗଛର ଉପକାରିତା ସମ୍ପର୍କରେ ଅଧିକ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ତାଳ ମିଶନକୁ ଅଧିକ ପ୍ରସାରିତ କରିବା ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରାଯିବ ବୋଲି ସଭାରେ ସୂଚନା ଦିଆଯାଇଥିଲା।

## ସଂସ୍କୃତ ଦିବସ ସମାରୋହ

**ଖୁଣ୍ଟା,୨୫।୮(ଡ଼ି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନ ଲକ୍ଷ୍ମଣସାହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଦେବ ଭାଷା ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିଭୁ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତାଡ଼କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସହଦେବ ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗଣିତ ଶିକ୍ଷୟିତ୍ରୀ ସଞ୍ଚୟତା ସିଂ, ଶିକ୍ଷକ ଆଲୋକ କୁମାର ମାଝୀ, ଜ୍ୟୋତ୍ସ୍ନାପ୍ରିୟା ବିଶ୍ୱାଳ ଓ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ବେହେରା ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଆଧୁନିକ ସମାଜ ସହିତ ଦେବ ଭାଷା ସଂସ୍କୃତ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଧର୍ମପଦ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଛାତ୍ର ସ୍ନେହାଶିଷ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରନଙ୍କୁ ମାଡ଼ ମାରିବା ଅଭିଯୋଗରେ ୫ ଗିରଫ

**କୁଆମରା,୨୫।୮(ଡ଼ି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ମାଟ୍ରନ ଦଶମୀ ସିଂଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ରବିବାର ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କୁଆମରା ଗ୍ରାମର ଅଭିରାମ ସିଂ, କାର୍ତ୍ତିକ ସିଂ, ମୁନି ସିଂ, ଚାନ୍ଦମଣୀ ସିଂ ଓ ମଙ୍ଗୁଳି ସିଂ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ଅଭିରାମ ସିଂ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ନ ଥିବା ବେଳେ ଛାତ୍ରୀନିବାସରେ ଥିବା ତାଙ୍କ ଝିଅକୁ ଘରକୁ ଛାଡିବା ପାଇଁ ଦାୟିତ୍ୱରେ ଥିବା ମାଟ୍ରନ ଦଶମୀଙ୍କୁ କହିଥିଲେ। ପ୍ରଧାନ ଶିକ୍ଷକ ନାହାଁନ୍ତି ତେଣୁ ମୁଁ ଛାଡ଼ି ପାରିବି ନାହିଁ ବୋଲି ଦଶମୀ କହିବାରୁ ଅଭିରାମ ନିରାଶ ହୋଇ ଘରକୁ ଫେରି ଯାଇଥିଲେ। ସନ୍ଧ୍ୟାରେ ଦଶମୀ ଗ୍ରାମକୁ ଯାଇଥିବା ବେଳେ କିଛି ମହିଳା ଓ ପୁରୁଷ ଏକାଠି ହୋଇ ସକାଳର ଘଟଣାକୁ ନେଇ ତାଙ୍କୁ ମାଡ଼ ମାରିବାରୁ ସେ ଆହତ ହୋଇଥିଲେ। ଏଥିନେଇ ଦଶମୀ କୁଆମରା ଫାଣ୍ଡିରେ ଅଭିଯୋଗ କରିଥିଲେ।

## ସାମାଜିକ ଓ ଆଧ୍ୟାତ୍ମିକ ଜାଗରଣ ଶିବିର

**ବାରିପଦା ଅଫିସ,୨୫।୮**

ବାରିପଦା ସହର ଉପକଣ୍ଠ ଏସଭିଏସ ଶିକ୍ଷାଶ୍ରମରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସାମାଜିକ ଓ ଆଧ୍ୟାତ୍ମିକ ଜାଗରଣ ଶିବିର ହରିହରା ନନ୍ଦ ମାତୃ ଆଶ୍ରମ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାତୃ ଆଶ୍ରମର ମାତା ସ୍ୱାମିନୀ ଦୁର୍ଗେଶନନ୍ଦ, ସ୍ୱାମିନୀ ଗିରିଜାନନ୍ଦ, ବ୍ରହ୍ମଚାରିଣୀ ଝରଣା, ଏସଭିଏସର ଅଧକ୍ଷା ବୀଣାପାଣି ଦାଶ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରିପୋଷିର ଅଧକ୍ଷା ଡ.ପୁଷ୍ପା ପାତ୍ର ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏସଭିଏସର ୮୫ ଜଣ, ରାଣୀଭୋଳ ବାଳିକା ବିଦ୍ୟାଳୟର ୭୫ ଜଣ ଓ ସାରଦା ଶିକ୍ଷାକେନ୍ଦ୍ର ବେତନଟୀର ୪୫ ଛାତ୍ରୀ ଶିବିରରେ ଯୋଗ ଦେଇଥିଲେ।




ଶିବିରରେ ଉପସ୍ଥିତ ଛାତ୍ରୀମାନେ।

## ଜ୍ଞାନବିଜ୍ଞାନ ମେଳା

**ବଡ଼ସାହି,୨୫।୮(ସ୍ୱ.ପ୍ର)**

ବଡ଼ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ବିଶ୍ୱାଳ ଏବଂ ଦାନ୍ତୁଣୀ କ୍ଲଷ୍ଟରର ସିଆରସିସି ଦେବବ୍ରତ ଶତପଥୀ ଯୋଗଦେଇ ପ୍ରକଳ୍ପ ବୁଲି ଦେଖି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ୩ଟି ବିଭାଗରେ ୫୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁବର୍ଗ ଓ ବାଲବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ସଙ୍କୁଳସ୍ତରୀୟ ମେଳାରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଉତ୍ତମ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟିର ଉପସଭାପତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଲିମ ନେଲେ ୨୫୫ ସ୍କାଉଟସ୍, ଗାଇଡସ୍



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

**ବାରିପଦା ଅଫିସ,୨୫।୮**

ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍କାଉଟସ୍ ଗାଇଡସ୍‌ର ତୃତୀୟ ସୋପାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ତଥା ଜିଲା ସ୍କାଉଟସ୍ ଓ ଗାଇଡସ୍‌ର ସମ୍ପାଦକ ଭାଗୀରଥି ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୩୭ ଜଣ ସ୍କାଉଟସ୍ ଓ ୧୧୮ ଜଣ ଗାଇଡସ୍ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ପାଣିଗ୍ରାହୀ, ସାବିତ୍ରୀ ପଣ୍ଡା, ନିରୋଦ ଚନ୍ଦ୍ର ମହାନ୍ତ, ହେମନ୍ତ କୁମାର ବେହେରା, ବାସନ୍ତି ମହାନ୍ତ, ମହମ୍ମଦ ଖଲିଲୁର ରହମାନ, ଲକ୍ଷ୍ମୀନାରାୟଣ ମହାନ୍ତ, ବିକାଶ ଦାସ, ଗଣେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସୋପାନ ପରୀକ୍ଷା ସହିତ ନୋଟିଂ, ଲେସିଂ, ସ୍କାଉଟ ଗାଇଡର ଇତିହାସ, ମୋଟୋ, ପ୍ରତିଜ୍ଞା, ନିୟମ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ତାରାନ୍ଦାଜ ମହାନ୍ତ, ରାମଚନ୍ଦ୍ର ବେହେରା, ଜୟନ୍ତୀ ପାଣି, ମାଧୁରୀ ଦୀକ୍ଷିତ, ବାସନ୍ତୀ ହାଁସଦା, ହର୍ଷବର୍ଦ୍ଧନ ବେହେରା, ବିଶ୍ୱଜିତ ମହାନ୍ତ, ଅଙ୍କିତ ମହାନ୍ତ, ଅରୂପ ମହାନ୍ତ ସହଯୋଗ କରିଥିଲେ। ଏମକେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞାପାରମିତା ଜେନା ସମସ୍ତ କାର୍ଯ୍ୟ ତତ୍ତ୍ୱାବଧାନ କରିଥିଲେ।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଜୟନ୍ତୀ

**ବାରିପଦା ଅଫିସ,୨୫।୮**

ମୟୂରଭଞ୍ଜ ଜିଲାର ବରପୁତ୍ର ତଥା ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତ ପ୍ରଶାନ୍ତ ମହାନ୍ତିଙ୍କ ୭୮ତମ ଜନ୍ମ ଜୟନ୍ତୀ ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅଗ୍ରଣୀ ଭାଷା ସୁରକ୍ଷା ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ଗ୍ରନ୍ଥକାର ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ମୁଖ୍ୟବକ୍ତା ଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ,ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ.ନୀଳକଣ୍ଠ ମିଶ୍ର, ପଣ୍ଡିତ ଭାଗବତ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ମୟୂରଭଞ୍ଜ ମାଟିରେ ଜନ୍ମଗ୍ରହଣ କରି ସର୍ବ ଭାରତୀୟସ୍ତରରେ ସର୍ବୋଦୟ ଆନ୍ଦୋଳନର ଜଣେ ଲୋକପ୍ରିୟ ନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସମାଜର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ପଛୁଆବର୍ଗର ଲୋକଙ୍କ ନିମନ୍ତେ ଯେଉଁ ସେବାର ନିଦର୍ଶନ ଛାଡିଯାଇଛନ୍ତି ତାହା ଆଜିର ସମାଜରେ ବିରଳ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ମିଶନ ସାଇନ୍ସ ଏକାଡେମୀର ଡ. ସରୋଜ ନାୟକ, କବୟିତ୍ରୀ କାବେରୀ ମିଶ୍ର, ମହେନ୍ଦ୍ର ମହାନ୍ତି, ଡ.ଦୀନବନ୍ଧୁ ଭଞ୍ଜ, ଜ୍ଞାନ ରଞ୍ଜନ ତ୍ରିପାଠୀ, ଉଗ୍ରେଶ୍ୱର ବେହେରା, ସମାଜସେବୀ ପରିତୋଷ ଦାଶ, ଦୀପକ ରାମ, ଅଜୟର ପୃଷ୍ଟି, ଦିଲ୍ଲୀପ କୁମାର ପାତ୍ର, ସୁବ୍ରତ ଦାସ, ଦୀପକ କୁମାର ନାୟକ, ରମାକାନ୍ତ ରାଉତ, କବିତା ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। କୃତୀ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମହାରାଜା କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ରୋଗୀଙ୍କୁ ମିଳୁନି ସେବା

**କପ୍ତିପଦା,୨୫।୮(ଡ଼ି.ଏନ୍.ଏ.)**




ନଚ୍ଛିପୁର ଡାକ୍ତରଖାନା।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଶିମିଳିପାଳ ପାଦଦେଶ ଆଦିବାସୀ ଅଧ୍ୟୁଷିତ କୁଲିଅଲମ୍ ପଞ୍ଚାୟତର ନଚ୍ଛିପୁରଠାରେ ୧୯୯୦ରେ ଖୋଲିଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ନ ଥିଲା ପରି ଚାଲିଛି। କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ବି ଏହାର ପ୍ରତିକାର ହେଉ ନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଜେ.ଏସ୍. ଜାମଡ଼ିହା, ଚକ୍ରଧରପୁର, କୁଲିଅଲମ ଓ ଦେବଳା ଆଦି ପଞ୍ଚାୟତ ଅନ୍ତର୍ଗତ ୨୫ଟି ରାଜସ୍ୱ ଗ୍ରାମର ଲୋକେ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରୁଛନ୍ତି।

ଆରମ୍ଭରୁ ଏହି ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଭିତ୍ତିଭୂମି ବିକାଶର ଅଭାବ ଓ ସ୍ୱାସ୍ଥ୍ୟସେବା ପ୍ରତି ଅବହେଳା କରାଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରି ପ୍ରତିକାର ଦାବି କରି ଆସୁଛନ୍ତି। ଏହି ଉପାନ୍ତ ଅଞ୍ଚଳକୁ କେହି ଡ଼ାକ୍ତର ଆସିବାକୁ ଚାହୁଁ ନ ଥିବା ବେଳେ କେହି ଆସିଲେ ଅଳ୍ପ ଦିନ ରହି ଏଠାରୁ ଖସିବାକୁ ବାଟ ଖୋଜିଥାନ୍ତି। ବର୍ତ୍ତମାନ ଜଣେ ଆୟୁଷ ଡ଼ାକ୍ତରଙ୍କ ସମେତ ୨ ଜଣ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ କାର୍ଯ୍ୟ କରୁଛନ୍ତି। କିନ୍ତୁ ରୋଗୀମାନେ ଡ଼ାକ୍ତରଖାନା ଉପର ଭରସା ରଖି ନ ପାରି ଉଦଳା ଓ ପୋଡ଼ାଡ଼ିହା ଡ଼ାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଥିବା କହିଛନ୍ତି। ସରକାରଙ୍କ ପକ୍ଷରୁ ସବୁ ପ୍ରକାର ଔଷଧ ଦିଆଯିବାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏଠାରେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ କୁହାଯାଉଛି। ଡାକ୍ତରଖାନାରେ ପାଚେରି ନ ଥିବାରୁ ଏହା ପରିସର ବୁଲା ଗୋରୁଙ୍କ ଚାରଣଭୂଇଁ ପାଲଟିଛି। ଡ଼ାକ୍ତରଖାନାରେ ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା ନ ହେବା ଏକ ବିଡମ୍ବନା। ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାରୁ ପାଣି ଅଣାଯାଇ ଏକ ଟାଙ୍କିରେ ଗଚ୍ଛିତ ରଖାଯାଇ ବ୍ୟବହାର କରାଯାଉଛି। କର୍ମଚାରୀଙ୍କ ଲାଗି ନିର୍ମିତ କ୍ୱାର୍ଟର୍ସ ନିମ୍ନମାନର ହୋଇଥିବାରୁ ସେଠାରେ କେହି ରହୁ ନ ଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଥରେ ବିଜୁଳି କଟିଲେ କେବେ ଆସିବ ତା'ର କିଛି ଠିକଣା ରହୁ ନାହିଁ। ଏଥିଲାଗି ସ୍ୱାସ୍ଥ୍ୟସେବା ମଧ୍ୟ ପ୍ରଭାବିତ ହେଉଛି। ଏ ସମ୍ପର୍କରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡ. ଶିବାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ଡାକ୍ତରଖାନା ସମସ୍ୟାର ପ୍ରତିକାର ଲାଗି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜୈବିକ ଖତର ପ୍ରସ୍ତୁତି ନେଇ ତାଲିମ

**ଭଦ୍ରକ ଅଫିସ, ୨୫।୮:** ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ(ସୋଆ) ଅଧୀନ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷର କୃଷି ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଭଦ୍ରକ ସହର ନିକଟବର୍ତ୍ତୀ ରାଣୀତାଲସ୍ଥିତ ସୂତାର ଆଗ୍ରୋ କେମିକାଲ୍ସ ଲି.ରେ ଅନୁଷ୍ଠିତ ହୋଇଯାଇଛି। ସୂତାର କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଜୈବିକ ଓ ପ୍ରାକୃତିକ ସାର, ଜିଆ ଖତ, ବିଭିନ୍ନ ସମୟରେ କୃଷି ଉପଯୋଗୀ କୀଟନାଶକ, ଜୈବିକ ଓ ପ୍ରାକୃତିକ ଖତର ପ୍ରସ୍ତୁତ ପ୍ରଣାଳୀ ଏବଂ ବ୍ୟବସାୟିକ ପଦ୍ଧତି ସମ୍ପର୍କରେ ଏହି ଛାତ୍ରୀଛାତ୍ର ତାଲିମ ନେଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଇଂ. ଅଭୟ ସୂତାର, ନିର୍ଦ୍ଦେଶକ ଅଜୟ ସୂତାର ଓ ଅଧିର ସୂତାର, ମୁଖ୍ୟ ପରିଚାଳକ ଇଂ. ଅଭିନନ୍ଦନ ସୂତାର ପ୍ରମୁଖ ବୈଷୟିକ ଅଭିଜ୍ଞତା ତଥ୍ୟ ଓ ପ୍ରୟୋଗାତ୍ମକ ଶୈଳୀ ସହ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କମ୍ପାନୀର ପରିଚାଳକ ଶମ୍ଭୁନାଥ ସାହୁ, ରସାୟନବିତ୍ ବସନ୍ତ କୁମାର ଭୋଇ, ସହପରିଚାଳକ ନୃସିଂହ ଚରଣ ବେହେରା, ରାଣୀତାଲ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଅଧକ୍ଷ ଡ. ଶ୍ୟାମସୁନ୍ଦର ମହାପାତ୍ର, ବରିଷ୍ଠ କୀଟତତ୍ତ୍ୱ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ ଓ କ୍ଷେତ୍ର ବିଶେଷଜ୍ଞ ଡ. ଗୌରୀଶଙ୍କର ସିଂ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମସ୍ତ ପରୀକ୍ଷା ପ୍ରଣାଳୀ ତଥ୍ୟ ଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଫେସର ଡ. ସରୋଜ କୁମାର ମହାନ୍ତି, ସହକାରୀ ପ୍ରଫେସର ଡ. ମଧୁସ୍ମିତା ପାତ୍ର, ଡ. ଉପାସନା ମହାପାତ୍ର, ଡ. ପ୍ରଜ୍ଞା ପତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଆଇନ ସଚେତନତା ଶିବିର

**ଚନ୍ଦ୍ରଆ,୨୫।୮(ଡି.ଏନ.ଏ.):** ଚନ୍ଦୁଆ ବ୍ଲକ ପର୍ଶଲାସ୍ଥିତ ଉତ୍କଳମଣି ବିଦ୍ୟାଳୟଠାରେ ଆଇନ ସଚେତନତା, ସେବା ଓ ସଶକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି ଶିବିର ଏସଡିଜେଏମ ସଙ୍ଗୀତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜେଏମଏସସି ସୁଶ୍ରୀ ସମୀକ୍ଷା ମହାନ୍ତି, ଫ୍ରଣ୍ଟ ଅଫିସ ରିଟେନର ବିଜୟ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ରାଠୋର, ସ୍ଥାନୀୟ ସରପଞ୍ଚ ଈଶ୍ୱର ଚନ୍ଦ୍ର ମୁଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବୋଦର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିବା ବେଳେ ଡିଲିଙ୍ଗ ଆସିଷ୍ଟାଣ୍ଟ ଅବଦୁଲ ସୁରଜ ଖାନ ପରିଚାଳନା କରିଥିଲେ।

# ଡାକ୍ତରଖାନାରେ ପଶିଲା ନର୍ଦ୍ଦମା ପାଣି

**ବସ୍ତା, ୨୫।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଶନିବାର ରାତିରୁ ବର୍ଷା ଲାଗି ରହିବାରୁ ବସ୍ତା ଡାକ୍ତରଖାନାରେ ରବିବାର ହଠାତ୍ ନର୍ଦ୍ଦମା ପାଣି ପଶିଯାଇଥିଲା। ଡାକ୍ତରଖାନା ପାଖ ଡ୍ରେନ୍‌ରେ ଅନାବନ ସାମଗ୍ରୀ ଜମା ହୋଇ ରହିଥିବା ଏଭଳି ପରିସ୍ଥିତି ଉପୁଜିଥିଲା। ଫଳରେ ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଦୂଷିତ ପାଣି ଆଉଟଡ଼ୋରରେ ଥିବା ଡାକ୍ତରଙ୍କ ରୁମ ଓ ନାମ ପଞ୍ଜୀକୃତ ହେଉଥିବା ରୁମ, ଟିକାଗ୍ରହଣ କେନ୍ଦ୍ର, ରୋଗୀ ରହୁଥିବା ରୁମ୍ ପର୍ଯ୍ୟନ୍ତ ପଶିଯାଇଥିଲା। ଫଳରେ କାଦୁଅ ପଚ ପଚ ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ହସ୍‌ପିଟାଲର ସଫେଇ କର୍ମଚାରୀ ପହଞ୍ଚି ସଫେଇ କାର୍ଯ୍ୟ କରିଥିଲେ । ହସ୍‌ପିଟାଲ ଭିତରେ ସ୍ୱଚ୍ଛତା ପାଇଁ ଅର୍ଥବ୍ୟୟ ହେଉଥିବା ବେଳେ ଏହା ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ କିମ୍ବା ବିଭାଗୀୟ ଅଧିକାରୀମାନେ ଏହାକୁ ଆଖି ବୁଜି ଦେଉଥିବା ଜଣାଯାଇଛି। ପାଖରେ ଥିବା ଡ୍ରେନ୍‌କୁ ନିୟମିତ ସଫେଇ କରାଯାଉନାହିଁ। ଏହି ଦୂଷିତ ପାଣିରେ ପଶି ଲୋକେ ଯାତାୟାତ କରିଥିଲେ। ଏଭଳି ଦୁର୍ଗନ୍ଧ ମଧ୍ୟରେ ରହିବା କାଠିକର ବୋଲି ଚିକିତ୍ସାଧୀନ ରୋଗୀମାନେ ଅଭିଯୋଗ କରିଛନ୍ତି। ଏସବୁ ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ନର୍ଦ୍ଦମା ପାଣିରେ ପଶି ରୋଗୀ ଆସୁଛନ୍ତି।

# ଜିଲାସ୍ତରୀୟ ନନ୍ଦ ଉତ୍ସବରେ ସମ୍ବର୍ଦ୍ଧନା

**ବନ୍ତ, ୨୫।୮ (ଡି.ଏନ.ଏ.)**

ଭଦ୍ରକ ଜିଲାର ଯାଦବମାନେ ୭ମ ବାର୍ଷିକ ଜିଲାସ୍ତରୀୟ ନନ୍ଦ ଉତ୍ସବ ପାଳନ କରିଛନ୍ତି। ବନ୍ତସ୍ଥିତ ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବନ୍ତ ସମେତ ୭ଟି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯାଦବ ଏଥିରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବାଜାରୋଶଣି ସହିତ ଏକ ସୁସଜ୍ଜିତ ରଥରେ ଶ୍ରୀକୃଷ୍ଣଙ୍କୁ ସାରଥିଙ୍କ ଗହଣରେ ଉତ୍ସବ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ଜିଲା ଯାଦବ ମହାସଭାର ସଭାପତି ଡ. ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ଧୀରେନ କୁମାର ପଲେଇ, ରାଜ୍ୟ ଯୁବ ଯାଦବ ମହାସଭାର ସାଧାରଣ ସମ୍ପାଦକ ଅମର ନାୟକ, ଜିଲା ଯାଦବ ମହାସଭାର ସମ୍ପାଦକ ଦିଲୀପ କୁମାର ନାୟକ, ଜିଲା ଉପସଭାପତି ରବିନାରାୟଣ ଖିଲାର, ବନ୍ତ ବ୍ଲକ ସଭାପତି ପଦ୍ମନାଭ ଦାସ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଧ୍ରୁବଚରଣ ବାରିକ, ଧାମନଗର ବ୍ଲକ ସଭାପତି ସୁବାସ ବାରିକ, ଚାନ୍ଦବାଲି ବ୍ଲକ ସଭାପତି ନିର୍ମଳ ତାଣ୍ଡୁ, ବାସୁଦେବପୁର ବ୍ଲକ ସଭାପତି ଭାଗୀରଥି ପଲେଇ ଓ ଜିଲା ସଦସ୍ୟ ଅନିଲ କୁମାର ନାୟକ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ସମ୍ପାଦକ ସୁବାସ ଦାସ ଓ ଆଇନଜୀବୀ ମାଧବାନନ୍ଦ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷାବିତ୍ ଚାରୁଚନ୍ଦ୍ର ନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବନ୍ଧୁତ୍ୱ ମାଧ୍ୟମରେ ଶାନ୍ତି, ସଦ୍‌ଭାବନା ପ୍ରତିଷ୍ଠା ସମ୍ଭବ'



ବନ୍ଧୁତ୍ୱ ଦିବସ ଅବସରରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୫।୮ :** ଭଦ୍ରକ ମଠସାହିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସ ଓ ପୂର୍ବତନ ମୁଖ୍ୟ ସଞ୍ଚାଳିକା ଦାଦୀ ପ୍ରକାଶମଣିଙ୍କ ୧୨ତମ ପୁଣ୍ୟ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ବନ୍ଧୁତ୍ୱ ମାଧ୍ୟମରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ସମ୍ଭବ ବୋଲି ବକ୍ତବ୍ୟ ରଖିଥିଲେ। ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ଭଦ୍ରକ ବିଡିଓ ଉମେଶ ଚନ୍ଦ୍ର ମଲ୍ଲିକ, ଭଦ୍ରକ ଜେଲ୍ ସୁପରିଟେଣ୍ଡେଣ୍ଟ କୁଅଁର ମାରାଣ୍ଡି, ଅବସରପ୍ରାପ୍ତ ଜେଲ୍ ଅଧିକାରୀ ଅଜିତ ରାଉତରାୟ, ଆଇନଜୀବୀ ବ୍ରହ୍ମାକୁମାର ପତିତ ପାବନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଅଧକ୍ଷତା କରି ନିଜ ବକ୍ତବ୍ୟରେ ବ୍ରହ୍ମାକୁମାରୀ ପ୍ରତିଭା ଦାଦୀ ପ୍ରକାଶମଣିଙ୍କ ନେତୃତ୍ୱ ଓ ବିଶ୍ୱରେ ବନ୍ଧୁତ୍ୱ ଭାବ ସୃଷ୍ଟି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶୁଭ୍ର ମହାପାତ୍ର ଓ ସାଥୀମାନେ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବ୍ରହ୍ମାକୁମାର ସୌଭାଗ୍ୟ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଦୟାନିଧି ଦାଶ ସଭା ପରିଚାଳନା କରିଥିଲେ।

## ସରିଲା ଜନ୍ମାଷ୍ଟମୀ ମହୋତ୍ସବ

**ଭଦ୍ରକ ଅଫିସ, ୨୫।୮:** ଭଦ୍ରକ କୁଆଁସସ୍ଥିତ ଆନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ପକ୍ଷରୁ ଇସ୍କନ ମନ୍ଦିର ପରିସରରେ ଚାଲିଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ, ନନ୍ଦ ଉତ୍ସବ ଏବଂ ଇସ୍କନର ପ୍ରାଣ ପ୍ରତିଷ୍ଠାତା ଶ୍ରୀଲ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ତିନିଦିନିଆ ଆବିର୍ଭାବ ଉତ୍ସବ(ବ୍ୟାସପୂଜା) ରବିବାର ଉଦ୍‌ଯାପିତ ହୋଇଯାଇଛି। ଇସ୍କନ ଭଦ୍ରକ ଶାଖାର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଗୌରଦାସ ବ୍ରହ୍ମଚାରୀ ଭଗବତ ଚର୍ଚ୍ଚା କରିଥିଲେ। ଭଗବତ ଚିନ୍ତାଧାରା ଅନୁଯାୟୀ ସରଳ ଜୀବନ ଯାପନ କରିବାକୁ ସ୍ୱାମୀ ପ୍ରଭୁପାଦଙ୍କର ବାଣୀ ଥିଲା ବୋଲି ସେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଇସ୍କନ ମନ୍ଦିର ପରିସରରେ ତିନିଦିନ ବ୍ୟାପୀ ମଙ୍ଗଳ ଆରତି, ରାଧାଗୋବିନ୍ଦ ଗୋପାଳ ଜୀୟୁ ଦର୍ଶନ, ଭଜନ କୀର୍ତ୍ତନ, ସନ୍ଧ୍ୟା ଆରତି, ହରି କଥା, ଦୀପଦାନ, ଅଭିଷେକ, ନନ୍ଦ ମହୋତ୍ସବ ସାଙ୍ଗକୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଙ୍ଗନୱାଡି କର୍ମୀ ସଂଘର ବୈଠକ




ବୈଠକରେ ଅଙ୍ଗନୱାଡ଼ି କର୍ମୀ ସଂଘର କର୍ମକର୍ତ୍ତା।

**ଜଳେଶ୍ୱର, ୨୫।୮:** ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ବ୍ଲକସ୍ତରୀୟ ଆଲୋଚନାଚକ୍ର ସଂଘ ସଭାପତି ଲକ୍ଷ୍ମୀପ୍ରିୟା ଦାସଙ୍କ ଅଧକ୍ଷତାରେ ହାତୀଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଚିଠା ଜାତୀୟ ଶିକ୍ଷାନୀତି ୨୦୧୯ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ପରିଷଦ ସଭ୍ୟ ଜୟନ୍ତ ଦାସ ଚିଠା ଜାତୀୟ ଶିକ୍ଷାନୀତି ୨୦୧୯ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଚିଠା ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ନିକଟରେ ଥିବା ଅଙ୍ଗନୱାଡିକୁ ସମନ୍ୱିତ ବିଦ୍ୟାଳୟ ମଧ୍ୟକୁ ନିଆଯିବାର ପ୍ରସ୍ତାବ ରହିଛି। ପୁଣି ସ୍ୱଳ୍ପ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରି ପ୍ରାକ୍‌ବିଦ୍ୟାଳୟଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଏକକ କ୍ୟାମ୍ପସରେ ଏହି ଶିଶୁମାନେ ଅଧ୍ୟୟନ କରିବେ ବୋଲି ଉଲ୍ଲେଖ ଅଛି। ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଏଥିରେ କୌଣସି ବ୍ୟବସ୍ଥା ନାହିଁ। ଛଟେଇ ହେବାକୁ ଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କର ଭବିଷ୍ୟତ ବିଷୟରେ କୌଣସି ବ୍ୟବସ୍ଥାର ଉଲ୍ଲେଖ ନାହିଁ। ଓଡିଶାରେ ଅଙ୍ଗନୱାଡି କେନ୍ଦ୍ର ସଂଖ୍ୟା ୭୨ ହଜାର, ମିନିକେନ୍ଦ୍ର ୧୦ହଜାର ଥିବା ବେଳେ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୩୬ ହଜାରରୁ କମ ଓ ୨୧ହଜାରରୁ କମ ସଂଖ୍ୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବୈଠକରେ ଚିଠା ଶିକ୍ଷା ନୀତି ବିଷୟରେ ଆଲୋଚନା କରାଯାଇ ଏହାର ଦୃଢ ପ୍ରତିବାଦ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦିକା କଳ୍ପନା ଦେ ବିବରଣୀ ଉପସ୍ଥାପନା କରିଥିଲେ। ସଂଘର ରାଜ୍ୟ କମିଟି ଉପ ସାଧାରଣ ସମ୍ପାଦିକା ପ୍ରତିଭା ପାଲ, ଜିଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ, କଳ୍ପନା ଦେ, କୋଷାଧକ୍ଷା ମମତା ଦାସ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉଦ୍‌ବେଗ ପ୍ରକାଶ କରିଥିଲେ।

# 'ଅପୂର୍ବ ଥିଲେ ସାରସ୍ୱତ ନେତୃତ୍ୱର ଅଗ୍ରଦୂତ'

**ଭଦ୍ରକ ଅଫିସ, ୨୫।୮ :** ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ସାହିତ୍ୟରତ୍ନ ଅପୂର୍ବ ରଞ୍ଜନ ରାୟଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳ, ପୂଜ୍ୟପୂଜା ସଂସଦ ସଭାପତି କରୁଣାକର ବେହୁରିଆ, କାଉନସିଲର ପ୍ରବୀର ଜେନା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅପୂର୍ବ ଥିଲେ ସାରସ୍ୱତ ନେତୃତ୍ୱର ଅଗ୍ରଦୂତ। ଭଦ୍ରକ ଓ ଜିଲା ବାହାରେ ବହୁ ସାହିତ୍ୟିକ, କବିଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସଭା ସମିତି ମାଧ୍ୟମରେ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଅଗ୍ରଦୂତ ଭାବେ ସେ କାର୍ଯ୍ୟ କରୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଇନଜୀବୀ ଅତିସ କୁମାର ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କୁ ଅପୂର୍ବରଞ୍ଜନ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସାଳନ୍ଦୀ ସମାଚାର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଲିପିପୁଷ୍ପା ରାୟ ମାନପତ୍ର ପାଠ କରିଥିଲେ। ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ବକ୍ତବ୍ୟ, ସହସମ୍ପାଦକ ବୈକୁଣ୍ଠ କୁମାର ବିଶ୍ୱାଳ ପ୍ରାକ୍ ସୂଚନା ପ୍ରଦାନ ଓ ଆଲୋକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ସାହିତ୍ୟିକ, ଲେଖକ ଓ ସାରସ୍ୱତ ସାଧକ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସିପିଆଇ, ସିପିଏମ୍‌ର ପ୍ରତିବାଦ ସଭା

**ବାଲେଶ୍ୱର ଅଫିସ, ୨୫।୮**

ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ସହ ସାମ୍ବିଧାନିକ ବ୍ୟବସ୍ଥାକୁ ବେଖାତିର କରି ୩୭୦ ଧାରା ଉଚ୍ଛେଦ କରାଯାଇଛି। ଜମ୍ମୁ-କଶ୍ମୀରକୁ ଦୁଇଟି ଭାଗରେ ବିଭକ୍ତ କରିବା ଦେଶର ଗଣତନ୍ତ୍ର ଏବଂ ସଂଘୀୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ରବିବାର ସିପିଆଇ ଏବଂ ସିପିଏମ୍ ପକ୍ଷରୁ ବାଲେଶ୍ୱରର ଏକ ଘରୋଇ ହୋଟେଲ ପରିସରରେ ଆୟୋଜିତ ସଭାରେ ବକ୍ତାମାନେ ମତ ଦେଇଛନ୍ତି।

ଜାମ୍ମୁ-କାଶ୍ମୀରରେ ଭାଜପାକୁ ଛାଡ଼ି ସମସ୍ତ ରାଜନୈତିକ ଦଳ ନେତାଙ୍କୁ ତୁରନ୍ତ ମୁକ୍ତ କରିବା ସହିତ ସାଧାରଣ ଲୋକଙ୍କୁ ସୁବିଧା ସୁଯୋଗ ଦେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ରାଜ୍ୟରେ 'ଗଣତନ୍ତ୍ର ବଞ୍ଚାଅ- ଦେଶ ବଞ୍ଚାଅ' ଉପରେ ବ୍ୟାପକ ପ୍ରଚାର ପାଇଁ ଆଲୋଚନା ସଭାରେ ଆହ୍ୱାନ ଦିଆଯାଇଥିଲା। ଏହି ଆଲୋଚନାରେ ସିପିଏମ୍‌ର ବରିଷ୍ଠ ରାଜ୍ୟନେତା ଜନାର୍ଦ୍ଦନ ପତି, ସିପିଆଇର ଜିଲା ନେତା ତଥା ଶ୍ରମିକନେତା ଭାଜବତ ପ୍ରତିହାରୀ, ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ, ଜିଲା ସମ୍ପାଦକ ଶିଶିର ହୁଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧକ୍ଷତା କରିଥିବାବେଳେ ପ୍ରେମ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ



ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାହାନଗା, ୨୫।୮(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟର ଶିକ୍ଷା ସଂସ୍ଥାନ (ଏନଆଇଓଏସ) ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଂ (ଏନ୍‌ଆଇଓଏସ୍) ଅଧୀନରେ ୮୫ ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ନାମ ଲେଖାଇ ପରୀକ୍ଷା ଦେଇଥିଲେ। ଗୋପାଳପୁର ମହାବିଦ୍ୟାଳୟକୁ ସରକାର ଷ୍ଟଡିସେଣ୍ଟର ଭାବେ ମନୋନୀତ କରିଥିଲେ। ସରକାର ଅନ୍‌ଟ୍ରେଣ୍ଡ ଶିକ୍ଷୟିତ୍ରୀଶିକ୍ଷକ ବା ଛାତ୍ରୀଛାତ୍ରମାନଙ୍କୁ ଡିଇଏଲଇଡି (ଡିପ୍ଲମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ୍) ପାସ୍ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଘୋଷଣା କରିବା ପରେ ପ୍ରତ୍ୟେକ ବିଦ୍ୟାଳୟର ଅନଟ୍ରେଣ୍ଡ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି ଡିଇଏଲଇଡି ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ।

ଆବେଦନ ଅନୁଯାୟୀ ସରକାର ଜିଲାର କେତୋଟି ମହାବିଦ୍ୟାଳୟରେ ଷ୍ଟଡିସେଣ୍ଟର ଖୋଲିଥିଲେ। ସେହି ଅନୁଯାୟୀ ଗୋପାଳପୁର ମହାବିଦ୍ୟାଳୟରେ ଷ୍ଟଡି ସେଣ୍ଟର ଖୋଲାଯାଇଛି। ୨୦୧୭ରୁ ଆବେଦନ କରିଥିବା ପିଲାଙ୍କ ମଧ୍ୟରୁ ୧୦୦ଜଣଙ୍କୁ ଏହି ମହାବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ବାଛିଥିଲେ। ସେମାନଙ୍କ ମଧ୍ୟରୁ ଏଠାରେ ୮୫ଜଣ ନାମ ଲେଖାଇଥିଲେ। ତା' ମଧ୍ୟରୁ ୪୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ ଛାତ୍ରୀଛାତ୍ର ପରୀକ୍ଷା ଦେଇ ପାସ୍ କରିଛନ୍ତି। ଗୋପାଳପୁର ମହାବିଦ୍ୟାଳୟ ଷ୍ଟଡି ସେଣ୍ଟରରେ ୧୨ଟି ଘରୋଇ ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ଏଠାରେ ନାମ ଲେଖାଇଥିଲେ। ତେବେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଏକ ସଭାରେ ମୁଖ୍ୟଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ନରେଶ ଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପର୍ଶୁରାମ ଧଡା ଯୋଗଦେଇ କୃତିତ୍ୱ ଲାଭ କରିଥିବା ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉପଦେଶ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଶରତ ଚନ୍ଦ୍ର ପଣ୍ଡା, ଅଶ୍ୱିନୀ ମହାପାତ୍ରଙ୍କ ସମେତ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନର କୋଡିନେଟର ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ସାର୍ଟିଫିକେଟ ପ୍ରଦାନ କରିଥିଲେ। ତେବେ ସନ୍ନ୍ୟାସୀ ଦାସ ନାମକ ଛାତ୍ର ଶତକଡା ୭୪ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ସରୋଜ ସ୍ୱାଇଁ ଶତକଡା ୭୩.୪୩ ଭାଗ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି। ହେମଲତା ବେହେରା ଶତକଡା ୭୩.୩୬ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଫେସର ବିଶ୍ୱନାଥ ସାହୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର କାର୍ତ୍ତିକ ସେନାପତିଙ୍କ ସମେତ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ବାଲେଶ୍ୱର ଅଫିସ,୨୫।୮**

ବାଲେଶ୍ୱର ମାଣିଖମ୍ବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆଇଟିଆର୍‌ର ବୈଜ୍ଞାନିକ ଡ. ନିଳାଦ୍ରୀ ରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏପିଜେ ଅବଦୁଲ କଲାମ୍‌ଙ୍କ ବିଷୟରେ କୁନି କୁନି ବୈଜ୍ଞାନିକମାନଙ୍କୁ ପ୍ରେରଣା ଦେଇଥିଲେ। ସଙ୍କୁଳ ପ୍ରମୁଖ ଉପେନ୍ଦ୍ର ନାଥ ପାତ୍ର, ବିଦ୍ୟାଳୟର ସମ୍ପାଦକ ଶ୍ୟାମସୁନ୍ଦର ମିଶ୍ର ମଞ୍ଚାସୀନ ଥିଲେ। ସଙ୍କୁଳ ସଂଯୋଜକ ପୁରୁଜିତ୍ ମୁନି ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ୧୨ଟି ବିଦ୍ୟାଳୟରୁ ଶିଶୁବର୍ଗ, ବାଲବର୍ଗ ଓ କିଶୋରବର୍ଗରେ ମୋଟ୍ ୩୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଷୟ ଯଥା ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ଗଣିତ ଚାର୍ଟ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସରକାରୀ ବିଦ୍ୟାଳୟରୁ ବିଚାରକ ଭାବେ ଆସିଥିବା ୨୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ର ଚୟନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ବଳାଙ୍ଗୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପକ ପ୍ରବୋଧ କୁମାର ପତି ମୁଖ୍ୟଅତିଥି, ସଙ୍କୁଳ ପ୍ରମୁଖ, ସଙ୍କୁଳ ସଂଯୋଜକ ଓ ବିଦ୍ୟାଳୟର ସହ-ସମ୍ପାଦକ ଯୋଗେନ୍ ଚନ୍ଦ୍ର ରଣା ଉପସ୍ଥିତ ଥିଲେ। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନଶିକ୍ଷକ ରାମଚନ୍ଦ୍ର ଦାସ ଅଧିକାରୀ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଗୁରୁମାଗୁରୁଜୀ, ସେବିକାସେବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ।



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଆଯିବ

**ହାଟଡିହୀ, ୨୫।୮ (ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନରେ ମୋଟ ୩୧ ପଞ୍ଚାୟତ ଅଛି। ବିଭିନ୍ନ ଦୃଷ୍ଟିକୋଣରୁ ବ୍ଲକ ପରିସରରେ ନାନା ସମସ୍ୟା ରହିଛି। ଏହିସବୁ ସମସାର ସୁଧାର ଆଣିବା ପାଇଁ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଉଦ୍ୟମ ଆରମ୍ଭ କରିଛନ୍ତି। ଫଳରେ ବ୍ଲକର ବିଭିନ୍ନ ପରିତ୍ୟକ୍ତ ଗୃହକୁ ଭାଙ୍ଗି ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ ହେବ। ଏହି ଗୃହ ସଭା କାର୍ଯ୍ୟରେ ଲାଗିବ। ଏଥିପାଇଁ ବ୍ୟୟ ଅଟକଳ କରାଯାଇ ଭିତ୍ତିପ୍ରସ୍ତର ସ୍ଥାପନ ବି ସରିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ପଞ୍ଚାୟତ ସ୍ତରରେ ଖରାପ ହୋଇଥିବା ରାସ୍ତାର ତାଲିକା ପ୍ରସ୍ତୁତ କରାଯାଇ ତୁରନ୍ତ ମରାମତି ନିମନ୍ତେ ଦାବି ହୋଇଛି। ବିଭିନ୍ନ କ୍ଷେତ୍ରରେ ରହିଥିବା ସମସ୍ୟାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି। ଆଗାମି ଦିନରେ ଉନ୍ନୟନ କାର୍ଯ୍ୟ କିପରି ଅଗ୍ରଗତି ଘଟି ସଠିକ୍ ଓ ସଫଳ ରୂପାୟନ ହେବ ସେ ଦିଗରେ ମଧ ଦୃଷ୍ଟି ଦିଆଯିବ।

### ତ୍ରିନାଥ ମନ୍ଦିରରେ ଭାଗବତ ପାରାୟଣ

**ଯୋଡ଼ା, ୨୫।୮ (ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ଶାସ୍ତ୍ରୀନଗରସ୍ଥିତ ତ୍ରିନାଥ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ମହା ଆଡମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ ସନ୍ତୋଷ କୁମାର ଚଇନିଙ୍କ ଦ୍ୱାରା ଶୁକ୍ରବାର ଭୋର ଠାକୁରଙ୍କର ମଙ୍ଗଳଆଳତୀ, ମହାସ୍ନାନ, ନବବସ୍ତ୍ର ପରିଧାନ, ସକାଳଧୂପ ସହିତ ରୀତିନୀତି କରାଯାଇଥିଲା। ମଧାହ୍ନରେ ମଧାହ୍ନ ଧୂପ ଦିଆଯାଇଥିଲା। ଠାକୁରଙ୍କୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା । ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ କରାଯିବା ପରେ ଭଜନକୀର୍ତ୍ତନ ଓ ଭାଗବତ ପାରାୟଣ ପାଠର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ତ୍ରିନାଥ ମନ୍ଦିର କମିଟିର ସଭାପତି ଗୋପାଳ ଚନ୍ଦ୍ର ସାହୁ , ସମ୍ପାଦକ ବେଣୁଧର ବେହେରା ଓ କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଆଉ ଏକ ଶନି ମନ୍ଦିର ସ୍ଥାପନ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ଗୋପାଳଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଜନ୍ମାଷ୍ଟମୀ ଉପଲକ୍ଷେ ମୁଖ୍ୟ ପୂଜକ ସନ୍ତୋଷ କୁମାର ଚଇନିଙ୍କ ଦ୍ୱାରା ଭାଗବତ ପାରାୟଣ ପାଠ କରାଯାଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ସମ୍ପାଦକ ବେଣୁଧର ବେହେରା ପ୍ରକାଶ କରିଛନ୍ତି।

### ମେଧାବୃତ୍ତି ପରୀକ୍ଷା ଦେଲେ ୫୦୬୧ ଛାତ୍ରୀଛାତ୍ର

**ହାଟଡିହୀ, ୨୫।୮ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ତରଫରୁ ଆୟୋଜିତ ମେଧାବୃତ୍ତି ପରୀକ୍ଷା ଶନିବାର ହାଟଡିହୀ ବ୍ଲକରେ ଅନୁଷ୍ଠିତ ହୋଇଥିଲା। ୩ୟ,୫ମ, ଓ ୭ମ ଶ୍ରେଣୀର ମୋଟ ୫୦୬୧ ଛାତ୍ରୀଛାତ୍ର ୩୨ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ବୃତ୍ତି ପରୀକ୍ଷା ଦେବାକୁ ଆବେଦନ କରିଥିବା ୮୭୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଜଣେ ଲେଖାଏ ସୁପରିଣ୍ଟେଣ୍ଡେଣ୍ଟ ରହିଥିଲେ । ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା । ପରୀକ୍ଷା ପରିଚାଳନା ପାଇଁ ୫ଟି କ୍ଲଷ୍ଟରରେ ୫ ଜଣ ସୁପରଭାଇଜର ନିଯୁକ୍ତି ପାଇଥିଲେ । ହାଟଡିହୀ ବିଡିଓ ସୁଶାନ୍ତ କୁମାର ବାରିକ୍ ଓ ବିଇଓ କ୍ଷୀରୋଦ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା।

### କୁପାରୀରେ ନନ୍ଦ ଉତ୍ସବ

**ଖଇରା, ୨୫।୮ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀଠାରେ ନନ୍ଦ ଉତ୍ସବ ପାଳନ ଅବସରରେ ଦହି ହାଣ୍ଡି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁନ୍ୟବ୍ରହ୍ମ ଡ୍ରାଇଭର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ସାରକୋଣାର ଆଜାଦ ହିନ୍ଦ କ୍ଲବ ଦହିହାଣ୍ଡି ଭାଙ୍ଗିବା ସହ ବିଜୟୀ ହୋଇଥିଲେ। ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ୨ହଜାର ଟଙ୍କା ପୁରସ୍କାର ଦେଇଥିଲେ। ପ୍ରଫୁଲ୍ଲ ଜେନା, ବସନ୍ତ ଜେନାଙ୍କ ସମେତ ଡ୍ରାଇଭର ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭିତ୍ତିଭୂମି ଥାଇ ହେଉନି ବିକାଶ

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.)**

■ ଅବ୍ୟବସ୍ଥାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ
■ ଯାତାୟାତ ପାଇଁ ରାସ୍ତା ନାହିଁ
■ ଛାତ୍ରୀଛାତ୍ରଙ୍କ ନିମନ୍ତେ ହୋଇନି ହଷ୍ଟେଲ ବ୍ୟବସ୍ଥା

ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଏବଂ ଦୃଢ଼ ସ୍ୱର ଉତ୍ତୋଳନ ଅଭାବରୁ କେନ୍ଦୁଝର ଜିଲାକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳା କରାଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଅବିଭକ୍ତ ଏହି ଜିଲାରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା ନାହିଁ । ଅନ୍ୟ ପକ୍ଷରେ ଦେଶ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି ଜିଲାର ମହାବିଦ୍ୟାଳୟଗୁଡିକୁ ମୟୂରଭଞ୍ଜ ଜିଲା ବାରିପଦାରେ ଥିବା ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ଅଧୀନରେ ରଖି ଅଧିକ ଅବହେଳା ପ୍ରଦର୍ଶନ କରାଗଲା । ଯାତାୟାତର ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧା ଭୋଗୁଛନ୍ତି। ଜିଲାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପାଇଁ ପୁଣି ଦାବି ହେବା ପରେ ଜିଲାବାସୀଙ୍କୁ ଖୁସି କରିବା ପାଇଁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା କରାଗଲା। କିନ୍ତୁ ଅଦ୍ୟାବଧି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପ୍ରତି ଧ୍ୟାନ ଦିଆଗଲା ନାହିଁ କିମ୍ବା ପାଠପଢ଼ା ପାଇଁ ଅଧ୍ୟାପକ ନିଯୁକ୍ତି, ଉପଯୁକ୍ତ ଲାବୋରେଟୋରୀ ସୁବିଧା ଆଦି କରା ନ ଯିବାରୁ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ବଢୁଛି । ନାମ ଲେଖାଇଥିବା ମେଧାବୀ ଛାତ୍ରୀଛାତ୍ରମାନେ ଭବିଷ୍ୟତକୁ ନେଇ ଚିନ୍ତାରେ ରହୁଥିବା ବେଳେ ଏବେ ପ୍ରତିବାଦ କରିବାକୁ ବାଧ୍ୟ ହେଉଛନ୍ତି।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝର ସହର ପୁରୁଣା ସହର ସିଦ୍ଧମଠ ନିକଟରେ ନିର୍ମାଣ ଚାଲିଥିବା ବେଳେ ସେଠାରେ ଅସମ୍ପୂର୍ଣ୍ଣ ବ୍ୟବସ୍ଥାରେ ପାଠପଢା ଚାଲିଛି। ଏଠାରେ ସଂସ୍କୃତ, ଓଡ଼ିଆ, ଇଂଲିଶ, ଜିଓଲୋଜି, ମାଟେରିଆଲ ସାଇନସ ବିଭାଗ ରହିଛି। ପାଖାପାଖି ୨୫୦ ଛାତ୍ରୀଛାତ୍ର ପିଜି ଓ ଏମଫିଲ ପାଠ ଅଧ୍ୟୟନ କରୁଛନ୍ତି। ଏମଫିଲରେ ଓଡ଼ିଆ ପାଇଁ ୩ଟି ସିଟ, ସଂସ୍କୃତ ପାଇଁ ୩ଟା, ଇଂଲିଶ ପାଇଁ ୧ଟା ସିଟ୍ ରହିଛି । ଜିଓଲୋଜି ଓ ମାଟେରିଆଲ ସାଇନ୍ସ ବିଭାଗ ଖୋଲାଯାଇଥିଲେ ହେଁ ଅଧ୍ୟାପକ ନିଯୁକ୍ତି ହୋଇ ନ ଥିବାରୁ ପାଠପଢା ଆରମ୍ଭ ହୋଇ ପାରିନାହିଁ କିମ୍ବା ଛାତ୍ରୀଛାତ୍ରଙ୍କ ନାମ ଲେଖା ହୋଇପାରିନାହିଁ । ଡିଏନ ହାଇସ୍କଲ ପରିସରରେ ଥିବା ଏକ କୋଠାରେ ଛାତ୍ରୀମାନଙ୍କ ପାଇଁ ଏକ ଅସ୍ଥାୟୀ ହଷ୍ଟେଲ କରାଯାଇଛି। ସେଠାରେ ୩୫ ଜଣ ଛାତ୍ରୀ ରହୁଛନ୍ତି। ତେବେ ପ୍ରାୟ ୪ କି.ମି. ଦୂରରେ ପାଠପଢା ହେଉଥିବା ଏବଂ ଯାତାୟାତ ପାଇଁ କୌଣସି ସୁବିଧା ନ ଥିବାରୁ ଛାତ୍ରୀମାନେ ଅକଥନୀୟ ଅସୁବିଧା ଭୋଗୁଛନ୍ତି। ଏପରିକି ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ଏବଂ ଏକାନ୍ତ ସ୍ଥାନରେ କ୍ୟାମ୍ପସ ଥିବାରୁ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି।

ଛାତ୍ରମାନଙ୍କ ପାଇଁ କୌଣସି ହଷ୍ଟେଲ ବ୍ୟବସ୍ଥା ନାହିଁ। ଫଳରେ ବହୁ ଅସୁବିଧାରେ ଭଡାଘରେ ରହି ଓ ସହରରୁ ଯିବାଆସିବା କରି ପଢୁଛନ୍ତି। ସମୁଦାୟ ୫ ଅଧାପକରେ ଚାଲିଛି ଏହି ଦ୍ୱିତୀୟ କ୍ୟାମ୍ପସ। ଇଂଲିଶ ବିଭାଗ ପାଇଁ ଜଣେ, ସଂସ୍କୃତ ପାଇଁ ୨ ଜଣ, ଓଡ଼ିଆ ପାଇଁ ୨ ଜଣ ପାଠ ପଢାଉଛନ୍ତି। ସେହିପରି ଜିଓଲୋଜିରେ ଜଣେ ଗେଷ୍ଟ ଅଧ୍ୟାପକ ଓ ମାଟେରିଆଲ ସାଇନ୍ସରେ ୨ ଜଣ ଗେଷ୍ଟ ଫାକଲଟି ନିଯୁକ୍ତି ଦିଆଯାଇଛି। ଏହାଛଡା ବିଭିନ୍ନ ବିଭାଗରେ କମ୍ପ୍ୟୁଟର ବ୍ୟବସ୍ଥା କରିବା ସହ ସେମିନାର ହଲ ନ ଥିବାରୁ ଛାତ୍ରୀଛାତ୍ର ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପରିସରରେ ଗାଡି ପାର୍କିଂ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା ଆଦି ଠିକ ଭାବରେ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କ୍ୟାମ୍ପସ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ହୀରାଲାଲ ଦାଶଙ୍କୁ ପଚାରିବାରୁ କ୍ୟାମ୍ପସ ସମସ୍ୟାକୁ ନେଇ ବିଶ୍ୱବିଦ୍ୟାଳୟକୁ ଅବଗତ କରାଯାଉଛି। ଏପରିକି ପିଲାମାନଙ୍କ ଦାବି ସମାଧାନ ପାଇଁ ଦାବିପତ୍ର ମଧ୍ୟ ପଠାଯାଇଛି ।

# କାର୍ଯ୍ୟରେ ଯୋଗଦେଲେ ଏସ୍‌ପି

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.)**



କେନ୍ଦୁଝର ଜିଲାରେ ନୂତନ ଏସପି ଭାବେ ଆଇପିଏସ ମିତ୍ରଭାନୁ ମହାପାତ୍ର ରବିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଡିଆଇଜି ଜୟନାରାୟଣ ପଙ୍କଜଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାରେ ଟ୍ରାଫିକ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ମୁକାବିଲା କରିବା ପାଇଁ ପଦକ୍ଷେପ ନେବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଖଣିଜ ସମ୍ପଦ ପରିପୂର୍ଣ୍ଣ ଅନୁଗୋଳ ଜିଲାରୁ ବଦଳି ହୋଇ ଆସିଥିଲେ ହେଁ କେନ୍ଦୁଝର ଜିଲାର ସମସ୍ୟା ଅଲଗା ରହିଛି ବୋଲି କହିଛନ୍ତି। ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହ ବିଭିନ୍ନ ଥାନାରେ ପଡିରହିଥିବା କେସ ଗୁଡିକ ତୁରନ୍ତ ଫଇସଲା କରାଯିବ ବୋଲି କହିଛନ୍ତି। ସୋମବାର ଯୋଗଦାନ ସମୟରେ ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ପୋଲିସ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ।

### କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ନିର୍ଦ୍ଦେଶ

# ଶିଶୁ ପାର୍କରେ ଝୁଲୁଛି ତାଲା



ରାସ୍ତାରେ ମୋରମ ଗଦା ପକାଯାଇ ପାର୍କକୁ ବନ୍ଦ ରଖାଯାଇଛି।

**ଆନନ୍ଦପୁର, ୨୫।୮ (ସ୍ୱ.ପ୍ର.)**

ଆନନ୍ଦପୁର ଶିଶୁ ପାର୍କରେ ଝୁଲୁଛି ତାଲା। ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରାଯାଇ ନିବନିର୍ମିତ ଶିଶୁ ପାର୍କ ଗତ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ଉଦ୍‌ଘାଟନ ପର୍ବ ଶେଷ କରାଯାଇଥିଲା। ହେଲେ ଏହି ଉଦଘାଟିତ ଶିଶୁ ପାର୍କଟି ଅଦ୍ୟାବଧି ଶିଶୁଙ୍କ ମନୋରଞ୍ଜନରେ ଆସିପାରୁନି। ପାର୍କ ପରିସରରେ ଅନାବନା ଘାସ ଲଟାରେ ପରିପୂର୍ଣ୍ଣ ରହିଥିବା ବେଳେ ମୁଖ୍ୟ ଗେଟ୍‌ରେ ତାଲା ଝୁଲୁଛି ଏବଂ ପାର୍କର ପ୍ରବେଶ ଦ୍ୱାରରେ ମୋରମ ଢଳାଯାଇ ରାସ୍ତା ଅବରୋଧ କରାଯାଇଛି। ଏଭଳି ଘଟଣାକୁ ନେଇ ମାସକ ତଳେ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶିଶୁ ପାର୍କ ତୁରନ୍ତ ଖୋଲା ଯିବା ନେଇ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ହେଲେ ପ୍ରଶାସନିକ ଅଧିକାରୀମାନେ ଏଥିରେ କର୍ଣ୍ଣପାତ କରି ନ ଥିଲେ। ପୁନର୍ବାର ୧୯ ତାରିଖ ସୋମବାର ଆନନ୍ଦପୁର ବ୍ଲକ ପରିସରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସଦସ୍ୟମାନେ ଜିଲାପାଳ ଆଶିଷ ଠାକରେଙ୍କୁ ସାକ୍ଷାତ କରି ଶିଶୁ ପାର୍କ ଶିଶୁ ମାନଙ୍କ ବ୍ୟବହାର ପାଇଁ ଖୋଲାଯିବାକୁ ଦାବି କରାଯାଇଥିଲା। ଜିଲାପାଳ ଠାକରେ ଆନନ୍ଦପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଦୁଇ ଦିନ ମଧ୍ୟରେ ପାର୍କର ସମସ୍ତ କାର୍ଯ୍ୟ ଶେଷ କରି ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳଙ୍କ ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବା ପରିଲକ୍ଷିତ ହୋଇଛି।

# ଉଠା ପରିବା ଦୋକାନୀଙ୍କୁ ସ୍ଥାନାନ୍ତର

**ଯୋଡ଼ା, ୨୫।୮ (ଡି.ଏନ.ଏ.)**



ପରିବା ଦୋକାନୀଙ୍କୁ ସ୍ଥାନାନ୍ତର କରାଯାଉଛି।

କେନ୍ଦୁଝର ଜିଲା ଯୋଡା ପୌରପାଳିକା ପକ୍ଷରୁ ସହରର ମୁଖ୍ୟ ରାସ୍ତା କଡ଼ରେ ଥିବା ପରିବା ଦୋକାନୀଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ରବିବାର ଆରମ୍ଭ କରାଯାଇଥିଲା। ରବିବାର ସକାଳ ୮ ଘଟିକାଠାରୁ ପୂର୍ବାହ୍ନ ୧୧ ଘଟିକା ପର୍ଯ୍ୟନ୍ତ ପୌରପାଳିକା ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଏହି ସ୍ଥାନାନ୍ତର କାର୍ଯ୍ୟ କରାଯାଇଥିଲା । ସୂଚନାଯୋଗ୍ୟ ଉକ୍ତ ରାସ୍ତା କଡରେ ପରିବା ବ୍ୟବସାୟୀମାନେ ବସୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ମଧ ଘଟୁଥିଲା। ଏଥି ସହିତ ଅପରିଷ୍କାର ପରିବେଶ ମଧ ସୃଷ୍ଟି ହେଉଥିଲା । ଏହାର ନିରାକରଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ଗତ ୨୨ ତାରିଖରେ ଗୋପବନ୍ଧୁ ଦୈନିକ ବଜାର ମଧ୍ୟରେ ଥିବା ପରିବା ବ୍ୟବସାୟୀ ଓ ମାଛ,ମାଂସ ଦୋକାନୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଏହି ବୈଠକରେ ରାସ୍ତାକଡରେ ବସୁଥିବା ପରିବା ଦୋକାନଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ତେବେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ରବିବାର ଏହି ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ କହିଛନ୍ତି।

# ଆରଟିଓ ଯାଞ୍ଚ ଲାଗି ରାସ୍ତା ଜାମ୍

**ଯୋଡ଼ା, ୨୫।୮ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୫୨୦ନଂ ଜାତୀୟ ରାଜପଥର ଲହଣ୍ଡା – ବିଲେଇପଦା ଜାତୀୟ ରାଜପଥରେ ଆରଟିଓ ଯାଞ୍ଚ ପାଇଁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଥିଲା । ସାଧାରଣ ପଥଚାରୀଠୁ ଆରମ୍ଭ କରି ଦୁଇ ଚକିଆ ବାଇକ୍, ଚାରିଚକିଆ ଛୋଟ ଯାନବାହନ, ଟ୍ରକ, ଡମ୍ପର ଏହି ଜାମ୍‌ରେ ଫସି ରହିଥିଲେ । ବଡବିଲ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମଝି ରାସ୍ତାରେ ଇଣ୍ଟରସେପ୍ଟର ଗାଡି ଠିଆ କରି ଟ୍ରକ ଗୁଡିକୁ ଅଟକାଇ ଯାଞ୍ଚ କରାଯାଉଥିଲା । ଏହାଦ୍ୱାରା ବହୁ ସମୟ ଧରି ଗାଡି ଗୁଡିକ ଅଟକି ରହୁଥିବାରୁ ଯାତ୍ରୀବାହୀ ବସ୍, ସ୍କୁଲ ବସ୍, ଆମ୍ବୁଲାନ୍ସ ଗାଡି ମଧ ଏହି ଜାମ୍‌ରେ ଫସି ରହିଥିଲେ । ୫୨୦ନଂ ଜାତୀୟ ରାଜପଥର ଭଦ୍ରାସାହିଠାରୁ ବିଲେଇପଦା ପର୍ଯ୍ୟନ୍ତ ଦୈନିକ ହେଉଥିବା ଟ୍ରାଫିକ ସମସ୍ୟାର ସମାଧାନ କରିବା ପାଇଁ କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳ ମାରାଥନ ବୈଠକ କରୁଥିଲେ ହେଁ ସମସ୍ୟା ସୁଧୁରିବା ପରିବର୍ତ୍ତେ ଅଧିକ ଜଟିଳ ହେବାରେ ଲାଗିଛି । ବୈଠକରେ ଅଯଥା ରାସ୍ତାରେ ଯାନବାହନ ଠିଆ ନ କରାଇବା ପାଇଁ ବୈଠକରେ କୁହାଯାଉଥିଲେ ହେଁ କେଉଁ ଉଦ୍ଦେଶ୍ୟରେ ବଡବିଲ୍ ଆରଟିଓ ବଡବିଲ ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟର ଗାଡିକୁ ମଝି ରାସ୍ତାରେ ଛିଡା କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ବଡବିଲ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରୁ ରାସ୍ତାରେ ଗାଡି ଅଟକାଇ ଯାଞ୍ଚ କରିବାର କୌଣସି କାରଣ ନାହିଁ। ଅଯଥା ଗାଡି ରାସ୍ତା କଡରେ ଠିଆ ହୋଇଥିଲେ ସେହି ଗାଡି ଗୁଡିକଠାରୁ ଜରିମାନା ଆଦାୟ କରାଯିବାର ନିଷ୍ପତ୍ତି ପ୍ରଶାସନ ପକ୍ଷରୁ ନିଆଯାଇଛି । ହେଲେ ରାସ୍ତାରେ ଯାତାୟାତ କରୁଥିବା ଗାଡିଗୁଡିକୁ ଠିଆ କରି ଯାଞ୍ଚ କରାଯାଉଥିଲେ ସେ ଏହାର ତଦାରଖ କରିବେ ବୋଲି କହିଛନ୍ତି।

### ବିଦ୍ୟାଳୟରେ ମାତୃ ସମ୍ମିଳନୀ

**ପାଟଣା, ୨୫।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ପରିସରରେ ରବିବାର ଶିଶୁବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ସହପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ ଯୋଗ ଦେଇ ଶିଶୁ ମାନଙ୍କ ସାମଗ୍ରିକ ବିକାଶରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଦିପ୍ତୀମୟି ବାରିକ, ସସ୍ମିତା ଦାଶ, ଅର୍ଚ୍ଚନା ସାମନ୍ତରାୟ, ନମିତା ମହାନ୍ତ, ଭାରତୀ ମହାନ୍ତ, ଦମୟନ୍ତୀ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ଯୁବସଂଘ ସଭାପତିଙ୍କ ପରଲୋକ

**ଝୁମ୍ପୁରା, ୨୫।୮ (ଡି.ଏନ.ଏ.)**

ଝୁମ୍ପୁରା ଦୂର୍ଗତୀ ନାଶିନୀ ଯୁବସଂଘର ସଭାପତି ତଥା ବିଶିଷ୍ଟ ବ୍ୟବସାୟୀ ଚନ୍ଦ୍ରଶେଖର ରାମ(୬୦)ଙ୍କର ୨୩ ତାରିଖ ରାତିରେ ବାଙ୍ଗାଲୋରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଏନେଇ ଝୁମ୍ପୁରା ବ୍ୟବସାୟୀ ଗୋଷ୍ଠୀ ଓ ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି। ଚନ୍ଦ୍ରଶେଖରଙ୍କ ସାମାଜିକ ସେବା ଓ ପରୋପକାର ମନୋଭାବ ଯୋଗୁଁ ସମସ୍ତଙ୍କ ପ୍ରିୟ ଥିଲେ। ୧୯୮୦ରୁ ସେ ଦୁର୍ଗତୀ ନାଶିନୀ ଯୁବସଂଘର ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ଏଥିସହ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଥିଲେ। ବାଙ୍ଗାଲୋରରୁ ତାଙ୍କ ମରଶରୀରକୁ ଅଣାଯିବା ପରେ ୨୫ତାରିଖ ସକାଳେ ଶୋଭାଯାତ୍ରାରେ ନିଆଯାଇ ଝୁମ୍ପୁରା ଦୁର୍ଗା ପଡିଆ ସଂଲଗ୍ନ ଭାଲୁକା ନାଳ ହୁଡା ଉପରେ ଦାହ ସଂସ୍କାର କରାଯାଇଥିଲା।

# ୫୧ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ପାଟଣା, ୨୫।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ମହାନ୍ତ, ମୁଖ୍ୟବକ୍ତା ଭାବେ କାଉଁରୀ କଳା ଉଚ୍ଚ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ସୁଦେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଚଢେଇ ଭୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଙ୍କୁଳ ପ୍ରମୁଖ ପ୍ରଦୀପ କୁମାର ସାହୁ, ପରିଚାଳନା ପରିଷଦର ସଭାପତି ରକ୍ଷାକର ସାହୁ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ସଙ୍କୁଳ ର ୫ଟି ବିଦ୍ୟାଳୟର ଶିଶୁ ଭଉଣୀ ଭାଇ ପ୍ରଶ୍ନ ମଞ୍ଚ, ବିଜ୍ଞାନ, ଗଣିତ ପ୍ରୟୋଗ ଓ ପତ୍ରବାଚନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ମୋଟ ୫୧ ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଦେବକୀ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ଗୋକୁଳାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନବାସୀଙ୍କ 'ପିକା'



ବନବାସୀମାନେ ଶାଳପତ୍ରରେ ଦୋକ୍ତା ଭର୍ତ୍ତି କରି ପିକା ପ୍ରସ୍ତୁତ କରନ୍ତି। ବନବାସୀମାନେ ପିକାକୁ କାନ ଉପରେ ଖୋସି କାମରେ ଲାଗିପଡ଼ନ୍ତି। ପରେ ଥକ୍କା ମେଣ୍ଟାଇବା ଲାଗି ସେମାନେ ପିକା ଟାଣନ୍ତି। ଧୂମପାନ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ହୋଇଥିଲେ ବି ପିକାକୁ ଏଯାଏ ଛାଡ଼ିପାରିନାହାନ୍ତି ବନବାସୀ।

(ଫଟୋ: ନରେଶ)

# ବାମେବାରୀ-ବାଂଶପାଣି ରାସ୍ତା ଶୋଚନୀୟ

**ଯୋଡ଼ା, ୨୫।୮ (ଡି.ଏନ.ଏ.)**



ବାମେବାରୀ –ବାଂଶପାଣି ରାସ୍ତା ଶୋଚନୀୟ।

■ ପ୍ରଶାସନର ଦ୍ୱାରସ୍ଥ ପରେ ବି ଫଳ ଶୂନ
■ ଆନ୍ଦୋଳନ ଚେତାବନୀ ଦେଲେ ଅଞ୍ଚଳବାସୀ

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ରାଜ୍ୟ ରାଜପଥ ନଂ ୨ ଜୁରୁଡି ବାଂଶପାଣି ରାସ୍ତା ମରଣଯନ୍ତା ପାଲଟିଛି । ଦିନକୁ ଦିନ ଏହି ରାସ୍ତାଟି ଅଧିକ ଶୋଚନୀୟ ହେବାରେ ଲାଗିଛି । ସ୍ଥାନୀୟ ଖଣି କମ୍ପାନୀ କିମ୍ବା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀ ବାରମ୍ବାର ଜିଲାପ୍ରଶାସନର ଏବଂ ପରିବହନକାରୀ ଖଣି କମ୍ପାନୀ, ଖଣି ଠିକାଦାର, ପରିବହନ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି।

ଦୈନିକ ଏହି ରାସ୍ତା ଦେଇ ହଜାର ହଜାର ଖଣିଜ ବୋଝେଇ ଟ୍ରକ, ଡମ୍ପର ଯାତାୟାତ କରୁଥିବାରୁ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି । ବିଶେଷ କରି ଜୁରୁଡି, ହାଟପଦାଠାରୁ, ଏସେଲ ମାଇନିଂ ଗେଟ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତା ଜରାଜୀର୍ଣ୍ଣ ହୋଇପଡିଛି । ଯାହାଦ୍ୱାରା ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି । ଏହି ରାସ୍ତା ଦେଇ ଯାଉଥିବା ସାଧାରଣ ପଥଚାରୀ, ବାଇକ୍ ଚାଳକ, ଛୋଟ ଯାନବାହନ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ରାସ୍ତା ଦେଇ ଯୋଡା ବ୍ଲକର ଜଜାଙ୍ଗ, ଜୁରୁଡି, ଜଳହରି, ବଳଦା, ପଳସା, କାଳିମାଟି ଆଦି ପଞ୍ଚାୟତ ସମେତ ଝୁମ୍ପୁରା ବ୍ଲକ ମହକୁମାର ଲୋକଙ୍କ ପାଇଁ ଯାତାୟାତ କରିବା ଦୁର୍ବିଷହ ହୋଇପଡିଛି। ସ୍ଥାନୀୟ ଲୋକେ ଖାଲଢିପ ଗୁଡିକରେ ମୋରମ ମାଟି ପକାଇବା ପାଇଁ କହୁଥିଲେ ହେଁ, ସେମାନଙ୍କ କଥାକୁ ଖଣି କମ୍ପାନୀ କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଅଞ୍ଚଳର ସୁରେନ୍ଦ୍ର ନାଥ ମହାନ୍ତି, ଦାସ ପେଣ୍ଡେଇ, ବୀର ପେଣ୍ଡେଇ, ଶେର୍ ମହମ୍ମଦ, ମଧୁ ମାହାଲା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ । ଏହି ଦାବିପତ୍ର ଦେବାପରେ ମଧ କୌଣସି କାର୍ଯ୍ୟ ନ ହେବାରୁ ପୁନର୍ବାର ଅଞ୍ଚଳବାସୀ କେନ୍ଦୁଝରଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ କରିବା ପରେ ମଧ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର ନିର୍ମାଣ କିମ୍ବା ମରାମତି ହୋଇପାରିନାହିଁ। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ଅତିଷ୍ଠ ଜନସାଧାରଣ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

ରାଜ୍ୟ ସରକାର ଏହି ରାସ୍ତା ନିର୍ମାଣ କରିବା ପାଇଁ ଟେଣ୍ଡର ଜରିଆରେ ଏକ ଠିକାସଂସ୍ଥାକୁ ଦେଇଛନ୍ତି। ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନ (ଡିଏମଏଫ) ପକ୍ଷରୁ ୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ବାମେବାରୀଠାରୁ ବାଂଶପାଣି ପର୍ଯ୍ୟନ୍ତ ୧୩ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଉକ୍ତ ଠିକାସଂସ୍ଥା ପାଇଛି। ପିଡବ୍ଲ୍ୟୁଡି ସହିତ ୨୦୨୦ ମସିହା ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଚୁକ୍ତି ମଧ୍ୟ ହୋଇଛି । ତେବେ ଏପର୍ଯ୍ୟନ୍ତ ଶତକଡା ୨୦ ପ୍ରତିଶତ ମଧ କାର୍ଯ୍ୟ ହୋଇପାରିନାହିଁ। ବିଳମ୍ବ ସମ୍ପର୍କରେ ଠିକାସଂସ୍ଥାର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଚୌଧୁରୀଙ୍କୁ ପଚାରିବାରୁ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ଶେଷ ହୋଇପାରିନାହିଁ । ବିଭିନ୍ନ ସ୍ଥାନରେ ଗଛ କଟାକଟି ସହ ବିଦ୍ୟୁତ ଖୁଣ୍ଟକୁ ସ୍ଥାନାନ୍ତର କରାଯିବାରେ ସମୟ ଲାଗୁଛି। ସେଥିଲାଗି ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା କନିଷ୍ଠ ଯନ୍ତ୍ରୀ ଚୌଧୁରୀ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଜ୍ଞାନବିଜ୍ଞାନ ମେଳାରେ ୬୮ ପ୍ରକଳ୍ପ

**କୋଷ୍ଠା,୨୫।୮(ଡ଼ି.ଏନ୍.ଏ.)**- ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବାରିପଦା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କୁଳ ଅଧୀନ ବାରିପଦା, ଭଞ୍ଜପୁର, ମୁର୍ଗାବାଡ଼ି, ଲକ୍ଷ୍ମୀପୋଷି, ଅସ୍ତିଆ, କରଞ୍ଜିଆ, ଶାଳବଣି, ଚିତ୍ରଡ଼ା, ଗଡିଆ, ଶୁଳିଆପଦା,କୋଷ୍ଠା ଆଦି ୧୧ଟି ଶିଶୁ ମନ୍ଦିରର ମୋଟ ୨୦୯ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଶିଶୁ ବର୍ଗରୁ ୪୦, ବାଲ ବର୍ଗରୁ ୨୨, ଓ କିଶୋର ବର୍ଗରୁ ୬ ଟି ପ୍ରକଳ୍ପକୁ ମିଶାଇ ୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିଶୁ ବର୍ଗପାଇଁ ଗୌରାଙ୍ଗ ପାତ୍ର, ହେମନ୍ତ କୁମାର ବେହେରା, ବାଲବର୍ଗ ପାଇଁ ସୁବ୍ରତ ନାଏକ, ଅଞ୍ଜଳି ପଣ୍ଡା ଓ କିଶୋର ବର୍ଗ ପାଇଁ ଚିନ୍ମୟ କୁମାର ଦାସ, ଘାସିରାମ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ବାଲ୍ ବର୍ଗରୁ ୩ ଓ କିଶୋର ବର୍ଗରୁ ୩ଟି ପ୍ରକଳ୍ପ ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିସହିତ ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବାରିପଦା ସଙ୍କୁଳ ପ୍ରମୁଖ ରମାକାନ୍ତ ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସରକାରୀ ସ୍କୁଲ ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁ, ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ବିଭାଗ ପ୍ରମୁଖ ରଣଜୀତ ଧଳ, ସଂକୁଳ ବିଜ୍ଞାନ ପ୍ରମୁଖ ପ୍ରଭାତ ସାହୁ, ଧ୍ୟାନେନ୍ଦ୍ର ନାଥ ପାଣି, ସମ୍ପାଦକ ଅରୁଣ କୁମାର ଦତ୍ତ ମଞ୍ଚାସୀନ ହୋଇଥିଲେ। କୋଷ୍ଠା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅରୁଣ ଜେଟଲୀଙ୍କ ବିୟୋଗରେ ଭାଜପାର ଶୋକ

**ଚମ୍ପୁଆ,୨୫। ୮(ଡି.ଏନ.ଏ.)**-ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅକାଳ ବିୟୋଗ ଫଳରେ ଦେଶ ଏକ ବରିଷ୍ଠ ନେତାଙ୍କୁ ହରାଇଛି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଭାଜପା ପକ୍ଷରୁ ନିଜସ୍ୱ କାର୍ଯ୍ୟାଳୟଠାରେ ଏନଏସି ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶୋକସଭା ଅୟୋଜିତ ହୋଇଯାଇଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ସିଦ୍ଧାର୍ଥ ସିଂ, ରମେଶ ଚନ୍ଦ୍ର ପ୍ରଧାନ, ବୃନ୍ଦାବନ ରାମ, ସଂଖ୍ୟାଲଘୁ ସଭାପତି ଏମ.ଡି. ମହତାବ, ଏନଏସି ସମ୍ପାଦକ ରମେଶ ଚନ୍ଦ୍ର ଗିରି, ରାଜେଶ ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାନ୍ତଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଜଣେ ଖ୍ୟାତନାମା ଆଇନଜୀବୀ ହୋଇ ମଧ ରାଜନୈତିକ ଜୀବନରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟର ଦାୟିତ୍ୱ ସମ୍ଭାଳିବା ସହିତ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧି ଆଣିବା, ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ। ଆର୍ଥିକ ନୀତିରେ ବହୁ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଥିବା ଏହି ମହାନ ରାଜନେତାଙ୍କ ଅମରଆତ୍ମାର ସଦ୍‌ଗତି ନିମିତ୍ତ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ମହାନ ନେତାଙ୍କୁ ହରାଇ ଦଳର ଅପୂରଣୀୟ କ୍ଷତି ଘଟିଥିବା ନେତୃମଣ୍ଡଳୀ ମତଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟୋଲ୍ ଆଦାୟ ନେଇ କୁହୁଳୁଛି ଅସନ୍ତୋଷ

**କେନ୍ଦୁଝର, ୨୫।୮(ଡି.ଏନ୍.ଏ.)**



ବନାଯୋଡ଼ି ଟୋଲ୍‌ଗେଟ୍।

■ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ
■ରାସ୍ତା ସମ୍ପୂର୍ଣ୍ଣ ନ ହୋଇ ହେଉଛି ଟୋଲ ଆଦାୟ

ଜାତୀୟ ରାଜପଥ ୨୦ ସମ୍ପ୍ରସାରଣ କାର୍ଯ୍ୟ ଏକ ଠିକା କମ୍ପାନୀକୁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଚୁକ୍ତିନାମା କରାଯାଇ ନୂତନ ଭାବେ ନିର୍ମାଣ ପାଇଁ ଦିଆଯାଇଥିଲା। ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ୧୬୬.୧୭୩କି.ମି. ରାସ୍ତା ବୋଲି ଜଣାଯାଇଛି। ତେବେ ରାସ୍ତା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୨୦୧୭ ଅଗଷ୍ଟରେ କେନ୍ଦୁଝର ଜିଲାରେ ତିନୋଟି ସ୍ଥାନ ଆନନ୍ଦପୁର ଉପକଣ୍ଠ ହସନପୁର, କେନ୍ଦୁଝର ଉପକଣ୍ଠ ଢେଙ୍କିକୋଟ ନିକଟସ୍ଥ ଖଣ୍ଡଘର ଓ ବନାଯୋଡିଠାରେ ତିନୋଟି ଟୋଲଗେଟ ସ୍ଥାପନ କରାଯାଇ ଟୋଲ ଆଦାୟ ଆରମ୍ଭ କରାଯାଇଥିଲା। ଏହି ଟୋଲ ଆଦାୟ ପାଇଁ ସାଇ ମା' ତାରିଣୀ ଟୋଲୱେଜ ଲିମିଟେଡ ନାମକ କମ୍ପାନୀ ୨୪ବର୍ଷ ପର୍ଯ୍ୟନ୍ତ ଟୋଲ ଆଦାୟ କରିବାର ଚୁକ୍ତିନାମା କରିଛି।

ତିନୋଟି ଯାକ ଟୋଲଗେଟରେ ବିଭିନ୍ନ ଗାଡି ନିମନ୍ତେ ଭିନ୍ନ ଭିନ୍ନ ଦରରେ ଟୋଲ ଆଦାୟ କରାଯାଉଛି। ତେବେ ରାସ୍ତା ସମ୍ପୂର୍ଣ୍ଣ କରା ନ ଯାଇ ଟୋଲ ଆଦାୟ କରାଯାଉଥିବାରୁ ଜିଲାର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢିବାକୁ ଲାଗିଛି। ଏହାକୁ ନେଇ ଅନେକ ଫୋରମରେ ଆଲୋଚନା, ବିତର୍କ ପ୍ରଭୃତି ହେଉଥିବାବେଳେ ଅତୀତରେ ଟୋଲଗେଟକୁ ବିରୋଧ କରି ଆନ୍ଦୋଳନମାନ ହୋଇଛି। ତେବେ ଟୋଲ ଆଦାୟକୁ ବନ୍ଦ କରାଯାଇପାରିନାହିଁ। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ସହ ଯୋଗାଯୋଗ କରିବାରୁ ଚୁକ୍ତିନାମା ଅନୁଯାୟୀ ଧାରା ୧୪ର ୩.୨ ଉପଧାରା ଅନୁସାରେ ୭୫ ପ୍ରତିଶତ ରାସ୍ତା ସମ୍ପୂର୍ଣ୍ଣ ହୋଇଥିଲେ ଟୋଲ ଆଦାୟ କରିବାର ନିୟମ ରହିଛି କିନ୍ତୁ ଅନ୍ୟପକ୍ଷେ ବାକିଥିବା କାର୍ଯ୍ୟ ୯୦ଦିନ ମଧ୍ୟରେ ଶେଷ କରିବାର ନିୟମ ଥିଲେ ବି ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇପଡିଛି। ରାସ୍ତା କାର୍ଯ୍ୟ ବିଓଟି ସ୍କିମରେ ତିଆରି ହେଉଛି। ଇତିମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୨୦ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନେଇଥିବା ଠିକା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଟୋଲଗେଟ ଉଚ୍ଛେଦ ପାଇଁ ବିଭିନ୍ନ ରାଜନୈତିକ ଦଳ,ବ୍ୟକ୍ତିବିଶେଷ ଓ ବିଭିନ୍ନ ଫୋରମ ପକ୍ଷରୁ ଅନେକ ସମୟରେ ଦାବି ହେଉଥିଲେ ବି ପ୍ରଶାସନ କିମ୍ବା ସରକାର ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଟୋଲଗେଟ ଉଚ୍ଛେଦକୁ ନେଇ ପ୍ରଶାସନର ଭୂମିକା ସ୍ପଷ୍ଟ ହେଉ ନ ଥିବା ମଧ ଅନେକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହେଉଛି। ଦୁଇଟି ଟୋଲଗେଟ ଦୂରତା ୬୦କି.ମି. ହେବାର ଥିଲେ ବି ଖଣ୍ଡଘର ଓ ବନାଯୋଡି ଟୋଲଗେଟ ମଧ୍ୟରେ ଦୂରତା ୬୦କି.ମି.ରୁ କମ୍ ହୋଇଥିବାବେଳେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଠୁଛି। ଏହାର ଠିକ୍ ଉତ୍ତର ଜାତୀୟ ରାଜପଥ ପ୍ରାଧୀକରଣ କିମ୍ବା ପ୍ରଶାସନ ଦେଇପାରୁନାହାନ୍ତି। ଏହାର ନିୟମକୁ ନେଇ ଅନେକ ଦ୍ୱନ୍ଦ୍ୱ ଦେଖାଦେଇଛି। ତେବେ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଟୋଲଗେଟକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବିସ୍ଫୋରଣମୁଖୀ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# ବିଜ୍ଞାନମେଳାରେ ୨୨୦ ଛାତ୍ରୀଛାତ୍ର

**ଢେଙ୍କିକୋଟ, ୨୫।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ପାଟଣା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କିକୋଟର ସାମାଜିକକର୍ମୀ କୁଳମଣି ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଙ୍କୁଳ ସଂଯୋଜକ ସତ୍ୟଜିତ୍ ପ୍ରଧାନ ସଂଯୋଜନା କରିଥିବାବେଳେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ଜ୍ଞାନବିଜ୍ଞାନ ମେଳା ସମ୍ପର୍କିତ ସ୍ୱାଗତ ଅଭିଭାଷଣ ସାଙ୍ଗକୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ଶିଶୁବର୍ଗ, ବାଲ୍‌ବର୍ଗ, କିଶୋର ବର୍ଗର ବିଜ୍ଞାନ, ସଂସ୍କୃତିଜ୍ଞାନ ବୌଦ୍ଧିକ ଗଣିତ ପ୍ରଶ୍ନମଞ୍ଚ, ଗଣିତର ପତ୍ରବାଚନ ଓ ପ୍ରୟୋଗ ଚାଟ ପ୍ରଦର୍ଶନ କରାଯାଇଥିଲା। ଏହା ୨୪ ଓ ୨୫ ଦୁଇଦିନ ଧରି ଚାଲିଥିଲା। ପ୍ରକଳ୍ପରେ ୨୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ଜନହିତକର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ସମସ୍ତ ପ୍ରକଳ୍ପକୁ ପରଖି ସେଥିମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରକଳ୍ପଧାରୀଙ୍କୁ ଚିହ୍ନଟ ନିମନ୍ତେ ବିଚାରକ ଭାବେ ଚିନାମାଳି ପଶି ହାଇସ୍କୁଲର ବିଜ୍ଞାନଶିକ୍ଷକ ଭକ୍ତବତ୍ସଳ ମିଶ୍ର ମସିଣା ଜିଲା ହାଇସ୍କୁଲର ବିଜ୍ଞାନଶିକ୍ଷକ, ମୋହନ ଚରଣ ମହାନ୍ତ, କୁଠାଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ରୁଦ୍ରଚରଣ ମହାନ୍ତ, ନିୟୋଜିତ ଥିଲେ। ଏହି ବିଜ୍ଞାନମେଳାରେ, ଘଟଗାଁ, ହରିଚନ୍ଦନପୁର, ପାଟଣା, ଢେଙ୍କିକୋଟ, ପିପିଳିଆ, ଡୁମୁରିଆ, ଟାଙ୍ଗରପଡ଼ା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ଭଉଣୀ ଭାଇ ଅଂଶଗ୍ରହଣ କରିଥିଲେ। ଘଟଗାଁ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ପାତ୍ର ମେଳାର ଆୟୋଜକ ଥିଲେ। ଢେଙ୍କିକୋଟ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଏବଂ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ସଫା ହେଲାନି ମୂର୍ତ୍ତି ବିସର୍ଜନ ପୋଖରୀ

**ଚମ୍ପୁଆ, ୨୫।୮(ଡି.ଏନ.ଏ.)**

ଆସୁଛି ପାର୍ବଣ ଋତୁ। ଆଗକୁ ବିଭିନ୍ନ ପୂଜା ପରେ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରଯିବ। ସେଥିପାଇଁ ପ୍ରଶାସନ ପୂର୍ବରୁ ସଜାଗ ରହିବା ଦରକାର। କିନ୍ତୁ ଚମ୍ପୁଆ ଏନଏସିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ସରକାରଙ୍କ ପକ୍ଷରୁ ମୂର୍ତ୍ତି ବିସର୍ଜନ ଫଳରେ ପ୍ରଦୂଷିତ ହେଉଥିବା ନଦୀ ନାଳ ଗୁଡିକରେ ମୂର୍ତ୍ତି ବିସର୍ଜନ ନ କରିବାକୁ ଏକ ପ୍ରକାର ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ନିୟମ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଚମ୍ପୁଆ ଏନଏସିରେ ୨ ନଂ ୱାର୍ଡ ପାଞ୍ଚପୋଖରୀଆଠାରେ ନିର୍ମାଣ କରାଯାଇଥିବା ମୂର୍ତ୍ତି ବିସର୍ଜନ କୃତ୍ରିମ ପୋଖରୀରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଚମ୍ପୁଆ ଏନ.ଏ.ସି ଗଠନ ହେବାପରେ ସହରାଞ୍ଚଳ ପାଇଁ ଥିବା ନିୟମ ଲାଗୁ କରାଯାଇଥିଲା। ଚମ୍ପୁଆ ଅଞ୍ଚଳରେ କରାଯାଉଥିବା ଦୁର୍ଗା ପୂଜା, କାଳି ପୂଜା, ଲକ୍ଷ୍ମୀ ପୂଜା, ଗଣେଷ ପୂଜା, ସରସ୍ୱତୀ ପୂଜା, ବିଶ୍ୱକର୍ମା ପୂଜା ଆଦିରେ ମୃଣ୍ମୟ ମୂର୍ତ୍ତି ଗୁଡିକ ଦିର୍ଘ ଦିନରୁ ବୈତରଣୀ ନଦୀରେ ବିସର୍ଜନ କରାଯାଉଥିଲା। ମାତ୍ର ଏନଏସି ହେବା ଦିନଠାରୁ ଏଥିପାଇଁ କଡା ନିୟମ କରାଯାଇ ପ୍ରଥମେ ବୈତରଣୀ ନଦୀ କୂଳ ଘାଗରାଘାଠ ଠାରେ କୃତ୍ରିମ ପୋଖରୀ କରାଯାଇ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ମାତ୍ର ପରେ ଦୀର୍ଘ ୨ ବର୍ଷ ହେବ ଏହା ପାଞ୍ଚପୋଖରୀଆ ୟୁ.ଜି ଏମ.ଇ ସ୍କୁଲ ନିକଟ ବନ୍ଧ ନିକଟରେ ନିର୍ମାଣ କରାଯାଇ ମୂର୍ତ୍ତି ବିସର୍ଜନ କରାଯାଉଛି। ମୂର୍ତ୍ତି ବିସର୍ଜନ ପରେ ଏନ.ଏ.ସି ପକ୍ଷରୁ ଉକ୍ତ ମୂର୍ତ୍ତି ଗୁଡିକରେ ବ୍ୟବହୃତ କରାଯାଇଥିବା ଆନୁସାଙ୍ଗିକ ଜିନିଷକୁ ଉଦ୍ଧାର କରି ନଷ୍ଟ କରିବା ସହିତ ଉକ୍ତ ପୋଖରୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାର ବ୍ୟବସ୍ଥା କରିବା କଥା। ହେଲେ ଉକ୍ତ ପୋଖରୀକୁ ଉଦ୍ଧାର କରାଯାଇନଥିବାରୁ ବର୍ତ୍ତମାନ ସୁଦ୍ଧା ମୂର୍ତ୍ତିରେ ବ୍ୟବହୃତ ଛାଞ୍ଚ ଓ ଆବଶ୍ୟକ ଜିନିଷ ପତ୍ର ଗୁଡିକ ଭାସୁଥିବା ଦେଖିବାକୁ ମିଳିଛି। ଏହି ପୋଖରୀ ଆକାର ଛୋଟିଆ ହୋଇଥିବାରୁ ବର୍ଷା ଦିନେ ଏହା ମଧ୍ୟରୁ ଆବର୍ଜନା ଗୁଡ଼ିକ ବାହାରି ନିକଟ ବନ୍ଧରେ ପଡୁଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କୁ ପଚାରିବାରୁ ତୁରନ୍ତ ଉକ୍ତ ପୋଖରୀକୁ ସଫା କରିବା ସହିତ ଆବଶ୍ୟକ ବ୍ଲିଚିଙ୍ଗ ପକାଇ ପ୍ରଦୂଷଣ ମୁକ୍ତ କରାଯିବ। ଏତଦବ୍ୟତୀତ ପ୍ରଦୂଷଣ ବୋର୍ଡ ପକ୍ଷରୁ ଆସିଥିବା ନୂଆ ନିୟମ ଅନୁଯାୟୀ ମୂର୍ତ୍ତି ବିସର୍ଜନ ପାଇଁ ଏକ ସ୍ୱତନ୍ତ୍ର ପୋଖରୀ ଖୋଳା ହେବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ପୋଖରୀରେ ମୂର୍ତ୍ତି ଛାଞ୍ଚ ଭାସୁଛି ।

# ସଂସ୍କୃତ ଦିବସ ସମାରୋହ

**ଖୁଣ୍ଟା,୨୫।୮(ଡ଼ି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନ ଲକ୍ଷ୍ମଣସାହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଦେବ ଭାଷା ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିଭୁ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତାଡ଼କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସହଦେବ ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗଣିତ ଶିକ୍ଷୟିତ୍ରୀ ସଞ୍ଚୟତା ସିଂ, ଶିକ୍ଷକ ଆଲୋକ କୁମାର ମାଝୀ, ଜ୍ୟୋସ୍ନାପ୍ରିୟା ବିଶ୍ୱାଳ ଓ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ବେହେରା ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଆଧୁନିକ ସମାଜ ସହିତ ଦେବ ଭାଷା ସଂସ୍କୃତ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଧର୍ମପଦ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଯୋଡାରେ ଖଣିଜ ସଚେତନତା କାର୍ଯ୍ୟକ୍ରମ

**ଯୋଡ଼ା, ୨୫।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଟାଟାଷ୍ଟିଲ ଯୋଡା ଭ୍ୟାଲି କ୍ଲବଠାରେ ସୋସାଇଟ୍ ଅଫ ଜିଓ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିଷ୍ଟ (ଏସଜିଏଟି) ପକ୍ଷରୁ ଏକ ଖଣିଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ଅଗଷ୍ଟ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ଧାନବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ ମାଇନ୍ସ, ଖଡଗପୁର ଓ ଭୁବନେଶ୍ୱର ଆଇଆଇଟି, ଶିବପୁରସ୍ଥିତ ଆଇଆଇଇଏସଟି, ରାଉରକେଲା, ରାୟପୁର, ଜାମସେଦପୁରର ଏନଆଇଟି, କେନ୍ଦୁଝରର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଦବପୁର, ଉତ୍କଳ, ସମ୍ବଲପୁର, କୋଲକାତା ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୫ ଗୋଟି ପ୍ରତିଷ୍ଠାନର ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ଯୋଡା ଖଣି ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ନାଏକ, ଟାଟାସ୍ପଞ୍ଜର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ନାୟକ, ଟାଟାଷ୍ଟିଲ ଖଣି ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର, ଟାଟା କମ୍ପାନୀ ଯୋଡା ମୁଖ୍ୟ ରାଜେଶ କୁମାର, ରୁଙ୍ଗଟା ମାଇନ୍ସର ଉପସଭାପତି ହୀରକ ମଜୁମଦାର ଓ ସୁଜୟ ବୋଷ, ଏସେଲ ମାଇନିଂର ସଭାପତି ପ୍ରଶନ୍ନ କୁମାର ଖଣ୍ଡା, ଉପଦେଷ୍ଟା ଖଗେଶ୍ୱର ମହାନ୍ତ, ଏସଜିଏଟିର ସମ୍ପାଦକ ଏ.ବି ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ସୁଜିତ ମହାନ୍ତି, ତ୍ରିଲୋଚନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଏସଜିଏଟି ଉପଦେଷ୍ଟା ତଥା ପୂର୍ବତନ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକ ବି.କେ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ମେଧାବୃତ୍ତି ପରୀକ୍ଷାରୁ ବାଦ୍ ପଡ଼ିଲେ ଘରୋଇ ସ୍କୁଲ ଛାତ୍ରୀଛାତ୍ର

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ହୋଇଛି । ଏ ନେଇ ଶନିବାର ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଏହି ପରୀକ୍ଷା ଦେବା ସୁଯୋଗ ମିଳୁଥିବା ବେଳେ ଘରୋଇ ସ୍କୁଲରେ ପଢୁଥିବା ଗରୀବ, ମେଧାବୀ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଉଲ୍ଲେଖନୀୟ ଯେ, ଡିଏମଏଫ ପାଣ୍ଠିରୁ ଜିଲାର ୮,୮୨୯ ଜଣ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଛି। ମେଧାବୀ ଛାତ୍ରୀଛାତ୍ର ଚୟନ ସକାଶେ ଶନିବାର ଜିଲାର ସମୁଦାୟ ୩୨୧ କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା ହୋଇଥିଲା। ୩ୟ, ୫ମ ଓ ୭ମ ଶ୍ରେଣୀରେ ପଢୁଥିବା ମୋଟ ୪୮,୮୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ବୃତ୍ତି ବାବଦକୁ ଡିଏମଏଫ ପାଣ୍ଠିରୁ ୪ କୋଟି ୭ ଲକ୍ଷ ୫୪ ହଜାର ଟଙ୍କା ଖର୍ଚ୍ଚ କରାଯିବ । ସେହିପରି ଶିକ୍ଷକମାନଙ୍କୁ ଦକ୍ଷତା ମୁତାବକ ଭତ୍ତା ଦିଆଯିବ । ଏଥିଲାଗି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସ୍କୁଲ ଉନ୍ନୟନ କମିଟିକୁ ୪୫ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯିବ । ଜିଲାରେ ସରସ୍ୱତୀ ଶିଶୁ ମନ୍ଦିର, ଗଣେଶ ଶିକ୍ଷା କେନ୍ଦ୍ର, ଡିଏଭି , ଜାଭିୟର ଭଳି ବହୁ ଘରୋଇ ଶିକ୍ଷାନୁଷ୍ଠାନ ଥିବା ବେଳେ ଏସବୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଖଣି ପ୍ରଭାବିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସାମିଲ କରା ନ ଯିବା ଘଟଣାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଓଷ୍ଟା ସଂଘର କାର୍ଯ୍ୟକର୍ତ୍ତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଏବଂ ୟୁଟିଆ ସଂଘର କାର୍ଯ୍ୟକର୍ତ୍ତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା ପ୍ରତିକ୍ରିୟାରେ କହିଛନ୍ତି, ଖଣିଖାଦାନ ପ୍ରଭାବିତ ଅଞ୍ଚଳର ପିଲାଙ୍କ ମଧ୍ୟରେ ବିଭଦେ ସୃଷ୍ଟି ନ କରି ସମସ୍ତଙ୍କୁ ଛାତ୍ରବୃତ୍ତି ପରୀକ୍ଷା କାର୍ଯ୍ୟକ୍ରମରେ ସାମିଲ କରାଯିବାର ଆବଶ୍ୟକ ଥିଲା । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ବୃତ୍ତି ପାଇବାକୁ ଯୋଗ୍ୟ ହେବେ। ଏହାକୁ ଦୃଷ୍ଟିରେ ରଖି ବୃତ୍ତି ପରୀକ୍ଷା କରାଯାଇଛି।

# ୬ରେ କଳାଦିବସ ପାଳିବ କୁଡୁମୀ ସେନା

**ପାଟଣା, ୨୫।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟାଳୟ ସ୍ଥିତ ଦେବ କୈଳାଶ ଭବନ ଠାରେ ରବିବାର କୁଡୁମୀ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସେପ୍ଟେମ୍ବର ୬ତାରିଖକୁ ରାଜ୍ୟ ବ୍ୟାପୀ କୁଡୁମୀ ସେନା କଳା ଦିବସ ରୂପେ ପାଳିବାକୁ କୁଡୁମୀ ଜାତିର ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଜାତି ପ୍ରେମୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୧୯୫୦ ସେପ୍ଟେମ୍ବର ୬ ତାରିଖରେ କୌଣସି ଯଥୋଚିତ କାରଣ ନଥାଇ ଆଦିବାସୀ ତାଲିକାରୁ ଏହି ଜାତିକୁ ତତ୍କାଳୀନ ସରକାର ବାଦ ଦେଇଥିଲେ। ଏହାକୁ ପ୍ରତିବାଦ କରି ସାରା ଦେଶରେ କୁଡୁମୀ ସମାଜ ଉକ୍ତ ଦିବସକୁ କଳା ଦିବସ ଭାବେ ପାଳନ କରିଆସୁଛି। ସୋମବାର ଏହି ବୈଠକରେ କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତ, ରାଜ୍ୟ ଉପସଭାପତି ଦିବ୍ୟସିଂହ ମହାନ୍ତ ଯୋଗ ଦେଇଥିଲେ।



ବୈଠକରେ ସାମିଲ କୁଡୁମୀ ସେନାର କର୍ମକର୍ତ୍ତା।

# ବିପଦସଙ୍କୁଳ ଘରେ ପ୍ରାଥମିକ ବିଦ୍ୟାଳୟ

**ତେଲକୋଇ, ୨୫।୮(ଡି.ଏନ.ଏ.)**

ତେଲକୋଇ ମୁଖ୍ୟାଳୟର ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ବିପଦସଙ୍କୁଳ ଘୋଷଣା କରାଯାଇଛି। ନୂତନ ଗୃହ ନିମାଣ ହୋଇ ନ ଥିବା ଯୋଗୁଁ ଉକ୍ତ ବିପଦସଙ୍କୁଳ ଗୃହରେ ପାଠପଢ଼ା ଚାଲିଛି। ଉକ୍ତ ପ୍ରାଥମିକ ବିଦ୍ୟାଳୟର ୫୦ମିଟର ଦୂରରେ ରହିଛି ଶିକ୍ଷା ବିଭାଗର କାର୍ଯ୍ୟାଳୟ । ସେହିପରି ବିଦ୍ୟାଳୟର ସମସ୍ତ ଗୃହରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଥିବା ଯୋଗୁଁ ଗୋଟିଏ କୋଠରୀରେ ୫ଟି ଶ୍ରେଣୀରେ ଶିକ୍ଷାଦାନ କରାଯାଉଛି। ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୧ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ବିପଦ ସଙ୍କୁଳ ଗୃହ ଓ ଶ୍ରେଣୀ ଗୃହର ଅଭାବକୁ ନେଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଭିଭାବକ ମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏଥିପ୍ରତି ଶିକ୍ଷାବିଭାଗର କର୍ତ୍ତୃପକ୍ଷ ଅଣଦେଖା କରୁଥିବା କୁହାଯାଉଛି । ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମହାନ୍ତଙ୍କୁ ପଚାରିବାରୁ ବହୁବାର ଶିକ୍ଷାବିଭାଗ ଅଧିକାରୀ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଥିଲେ ହେଁ ଏହାର କୌଣସି ସୁଫଳ ମିଳିପାରି ନାହିଁ । ଛାତ୍ରୀଛାତ୍ରଙ୍କୁ ଗୋଟିଏ କୋଠରୀରେ ପାଠପଢାଇବାକୁ ବାଧ ହୋଇଛୁ। ସେହିପରି ଏସମ୍ପର୍କରେ ଅସ୍ଥାୟୀ ଭାବେ ଥିବା ବ୍ଲକ ଶିକ୍ଷାଧିକାରୀ ଏମ.ସାହୁଙ୍କୁ ପଚାରିବାରୁ ମୁଁ ସଦର ବ୍ଲକର ଶିକ୍ଷାଧିକାରୀ, ମୋତେ ତେଲକୋଇ ବ୍ଲକର ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । ସେଥପାଇଁ ଏନେଇ କୌଣସି ସୂଚନା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।


ବିପଦସଙ୍କୁଳ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ।

# ଏବେ ମକାର ଅଭାବୀ ବିକ୍ରି

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପାହାଡିଆ ଅଞ୍ଚଳର ମୃତ୍ତିକା ମକାଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ। ଅଳ୍ପ ବର୍ଷାରେ ମକା ଫସଲ ହେଉଥିବାରୁ ବର୍ଷାଦିନେ ପାହାଡିଆ ଅଞ୍ଚଳର ବହୁ ଜମିରେ ମକାଚାଷ ହୋଇଥାଏ। ବନବାସୀମାନେ ମକା ଚାଷ କରି ଏହାକୁ ବିକି ଚଳିଥାନ୍ତି। ମକା ଅମଳ ବେଳେ ବଜାର ସୁବିଧା ମିଳୁ ନ ଥିବାରୁ ଚାଷୀମାନେ ଅମଳ କରୁଥିବା ମକାକୁ ଉଚିତ ମୂଲ୍ୟରେ ବିକି ନ ପାରି କ୍ଷତି ସହୁଛନ୍ତି। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷେ ଏହି ଅଞ୍ଚଳକୁ ଆସି ଡେରା ପକାଇଥିବା ବେପାରୀ ଅଭାବୀ ବିକ୍ରିର ସୁଯୋଗ ନେଇ କମ୍ ମୂଲ୍ୟରେ ମକା କିଣି ଚାଷୀଙ୍କୁ ଶୋଷଣ କରୁଥିବାଅଭିଯୋଗ ହେଉଛି।

କାଞ୍ଜିପାଣି ଗ୍ରାମର ଦାଶଇ ନାଏକଙ୍କ ସମେତ କେତେଜଣ ଗ୍ରାମବାସୀ କହିଛନ୍ତି ଯେ, ମକା ଅମଳ ସମୟରେ ଜଙ୍ଗଲରେ ହାତୀ, ବାରହା ଓ ଭାଲୁ ଉପଦ୍ରବ ଯୋଗୁଁ ବହୁ ମକା ଫସଲ ନଷ୍ଟ ହୋଇଥାଏ । ଆମେ ରାତି ଅନିଦ୍ରା ହୋଇ ଫସଲର ଜଗାରଖା କରୁ। ଅମଳ ମକାକୁ ଗାଡି ଭଡା କରି ହାଟବଜାରକୁ ଆଣି ବିକି ଥାଉ। ଅଭାବୀ ବିକ୍ରି ଯୋଗୁ ଯାହା ମୂଲ୍ୟ ମିଳେ ସେଥିରେ ଗାଡି ଭଡା ଦେଇ ଆଉ ସେଭଳି କିଛି ଅର୍ଥ ମିଳେ ନାହିଁ । ପରିଶ୍ରମ ଅନୁସାରେ ମକା ଚାଷରୁ ଲାଭ ମିଳୁ ନ ଥିବା ଯୋଗୁ ଏ ସମ୍ପର୍କରେ ସେମାନେ ପ୍ରଶାସନକୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ହାଟବଜାରକୁ ଆଣି ଆସିବା ପରେ କେତେକ ବେପାରୀଙ୍କ ଦ୍ୱାରା ପ୍ରତାରିତ ହେଉଥିଲେ ମଧ ଏଥିପ୍ରତି କାହାରି ନଜର ରହୁନାହିଁ। ବେପାରୀମାନେ ୧୦ଟଙ୍କାରେ ୬ରୁ ୮ଟି ମକା କିଣି ବାହାରେ ମକା ଗୋଟିକୁ ୫ରୁ ୧୦ ଟଙ୍କାରେ ବିକି ମୁନାଫା ଉଠାଉଛନ୍ତି। କେନ୍ଦୁଝରର ଜିଲାରୁ ଉତ୍ପାଦିତ ମକାକୁ କଟକ, ଭୁବନେଶ୍ୱର ଆଦି ଅଞ୍ଚଳକୁ ନିଆଯାଇ ଏବେ ବିକ୍ରି କରାଯାଉଛି। ଦେଶୀ ମକାର ଚାହିଦା ଥିଲେ ମଧ ମକା ଚାଷ କ୍ରମେ ଚାଷୀଙ୍କ ଲାଗି ଅଲୋଡା ହୋଇ ଯାଉଛି ହାଟ ବଜାରକୁ ମକା ବିକିବାକୁ ଆସୁଥିବା ବନବାସୀମାନେ କହିଛନ୍ତି।


ବଜାରରେ ବିକିବା ପାଇଁ ବେପାରୀମାନେ ମକା ଆଣିଛନ୍ତି।